ଓଡ଼ିଆ ଇ-ପତ୍ରିକା

ସେପ୍ଟେମ୍ବର ୨୦୨୩

ଶୁଭପଲ୍ଲବ

୫୪ଶ ସଂସ୍କରଣ



ଶୁଭପଲ୍ଲବ

୫୪ଶ ସଂସ୍କରଣ • ସେପ୍ଟେମ୍ବର ୨୦୨୩

୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ ପଣ୍ଡିତ **ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ ୟୁ-ଟ୍ୟୁବ୍‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହୁରି ବଢ଼ିବାର ଆଶା ରଖିଛୁ ।



Scan to Install Shubhapallaba APP

ଯୋଗାଯୋଗ:

Mobile: +91 7008899643
E-Mail: shubhapallaba@gmail.com
Website: https://shubhapallaba.in



- **୫୩ଶ ସଂସ୍କରଣ**
- **ଅଗଷ୍ଟ ୨୦୨୩**

ସଂପାଦନା/ଅଳଂକରଣ:
ସଂଗ୍ରାମ କେଶରୀ ସେନାପତି

୨୦୨୩ ମସିହାର ଅଗଷ୍ଟ ମାସରେ ପ୍ରକାଶ ପାଇଥିଲା ଶୁଭପଲ୍ଲବ ଓଡ଼ିଆ ଇ-ପତ୍ରିକାର ୫୩ତମ ସଂସ୍କରଣ, ଯେଉଁଥିରେ ୨୦ଗୋଟି ଗପ, କବିତା, ଭଜନ, ଜୀବନୀ ଆଦି ପ୍ରକାଶ ପାଇଥିଲା । ଏହି ସଂସ୍କରଣଟି ଏବେ ଶୁଭପଲ୍ଲବ ଷ୍ଟୋର୍‌ରେ ଉପଲବ୍ଧ ।

ସମ୍ପାଦନା ମଣ୍ଡଳୀ



ସଂଗ୍ରାମ ସେନାପତି
(ପ୍ରତିଷ୍ଠାତା/ସମ୍ପାଦକ)

ସଂଗ୍ରାମ କେଶରୀ ସେନାପତି ଓଡ଼ିଆ ଉଇକିପିଡ଼ିଆର ଜଣେ ନିୟମିତ ଲେଖକ । ସେ ଓଡ଼ିଆ ତଥା ଇଂରାଜୀ ଭାଷାରେ ବିଭିନ୍ନ ପ୍ରକାରର ବ୍ଲଗ୍‌ମାନ ଲେଖନ୍ତି ଓ ପଡ଼କାସ୍ଟ କରନ୍ତି, ଯେଉଁଥିରେ ଓଡ଼ିଆ ଭାସଷା ତଥା ଓଡ଼ିଶା ସମ୍ବନ୍ଧୀୟ ବିଭିନ୍ନ ସ୍ଥାନ, ପର୍ବ ପର୍ବାଣୀ, ଖାଦ୍ୟପେୟ, ମନ୍ଦିର, ସଂସ୍କୃତି, ପରମ୍ପରା, ରୀତିନୀତି ଆଦିକୁ ସ୍ଥାନିତ କରିଥାନ୍ତି ।



ତାପସ ରଞ୍ଜନ
(ସମ୍ପାଦକ)

ତାପସ ରଞ୍ଜନ ଓଡ଼ିଆ ଭାଷାରେ ବିଭିନ୍ନ ପ୍ରକାରର ଗପ ଓ କବିତା ରଚନା କରିବା ସହିତ ଓଡ଼ିଆ ତଥା ଇଂରାଜୀ ପୁସ୍ତକ ପଢ଼ିବାରେ ରୁଚି ରଖନ୍ତି। ଏଥିସହିତ ସେ ଅନେକ ପୁସ୍ତକର ସମ୍ପାଦନା କରିଛନ୍ତି । ଆଗାମୀ ଦିନରେ ତାଙ୍କ ପୁସ୍ତକ ମଧ୍ୟ ପ୍ରକାଶ ପାଇବାକୁ ଯାଉଛି, ଯେଉଁଥିରେ ତାଙ୍କ ରଚିତ କିଛି କ୍ଷୁଦ୍ର ଗଳ୍ପ ସ୍ଥାନିତ ହୋଇଛି ।



ସମ୍ବିତ ଦାସ
(ଅଳଂକରଣ)

ସମ୍ବିତ ଦାସ ପେଶାରେ ଜଣେ ଗ୍ରାଫିକ୍ ଡିଜାଇନର୍, ଯିଏକି ଏବେ ହାଇଦ୍ରାବଦରେ କାର୍ଯ୍ୟରତ । ସେ ଓଡ଼ିଶାର ବିଭିନ୍ନ ପ୍ରକାରର ସ୍ଥାନ ତଥା ସଂସ୍କୃତି ଉପରେ ଚିତ୍ର କରିବା ସହିତ ଶୁଭପଲ୍ଲବ ଓ ବିଭିନ୍ନ ପୁସ୍ତକର କଭର୍ ଫଟୋ ତିଆରି କରିଛନ୍ତି । ତାଙ୍କ ପ୍ରସ୍ତୁତ ଅନେକ ଚିତ୍ର ମୁକ୍ତ ଭାବରେ ମଧ୍ୟ ଉପଲବ୍ଧ ହେଉଛି, ଯଦ୍ୱାରା ଅନେକ ଲୋକ ଉପକୃତ ହେଉଛନ୍ତି ।

ଲେଖା ପଠାଇବାର ନିୟମ:

ଶୁଭପଲ୍ଲବ ଏବେ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । **ଆଗାମୀ ସଂସ୍କରଣ ପାଇଁ ସମ୍ପାଦକ ତାପସ ରଞ୍ଜନଙ୍କ ଦ୍ୱାରା କିଛି ବଛାଲେଖା ପ୍ରକାଶ କରାଯିବ** ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । **ପ୍ରତ୍ୟେକ ମାସର ୧ ତାରିଖରେ ପତ୍ରିକା ପ୍ରକାଶ ପାଇବ ଏବଂ ୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ ।**




ସମ୍ପାଦକୀୟ

୧୪ ଜୁଲାଇ ୨୦୧୩ ଅପରାହ୍ଣରେ ସତୀଶ ଧବନ ଅନ୍ତରୀକ୍ଷ କେନ୍ଦ୍ରରୁ ଯେବେ ଚନ୍ଦ୍ରାୟନ-୩ ସଫଳତାର ସହ ଉତକ୍ଷେପଣ ହେଲା, ଠିକ ଚାରିବର୍ଷ ତଳେ ୬ ସେପ୍ଟେମ୍ବର ୨୦୧୯ରେ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ କେନ୍ଦ୍ର ବାଙ୍ଗାଲୋର ମୁଖ୍ୟାଳୟରେ ତତ୍କାଳୀନ ମୁଖ୍ୟ ଶିବନଙ୍କୁ ପ୍ରଧାନମନ୍ତ୍ରୀ ସାନ୍ତ୍ୱନା ଦେଉଥିବାର ଦୃଶ୍ୟ ମନତଳେ ବାରମ୍ବାର ଉଙ୍କି ମାରୁଥିଲା । ସତରେ କ'ଣ ଭାରତୀୟ ବୈଜ୍ଞାନିକ ସଫଳ ହେବେ ଏଥର ! ସତରେ କ'ଣ ଚନ୍ଦ୍ରମାର ଅସ୍ପୃଶ୍ୟ ଦକ୍ଷିଣ ମେରୁକୁ ସ୍ପର୍ଶ କରିପାରିବ ଭାରତ ! ସତରେ କ'ଣ ବିକ୍ରମ ଲ୍ୟାଣ୍ଡର 'ସଫ୍ଟ ଲ୍ୟାଣ୍ଡିଙ୍ଗ' କରିପାରିବ !! ସତରେ କ'ଣ ପ୍ରଜ୍ଞାନ ରୋଭର ଚନ୍ଦ୍ରମାର ଶୀତଳ ପୃଷ୍ଠରେ ଭାରତୀୟ ବୈଜ୍ଞାନିକ ମାନଙ୍କର ବିଜୟ ଗାଥା ଲିପିବଦ୍ଧ କରିପାରିବ !!! ଏମିତି ନାନା ଆଶା ଆଉ ଆକାଂକ୍ଷାରେ ବିତୁଥାଏ ଦିନ । ଅର୍ବିଟର ଚନ୍ଦ୍ରମାର କକ୍ଷ ପଥରେ ପ୍ରବେଶ କଲା ପରେ ପରେ ଚନ୍ଦ୍ର ପୃଷ୍ଠର ନୂଆ ନୂଆ ଚିତ୍ର ସବୁ ଆସିବାକୁ ଲାଗିଲା । ଆଉ ତା' ସହ ବଢ଼ିବାକୁ ଲାଗିଲା ହୃଦସ୍ପନ୍ଦନ । ୨୩ ଅଗଷ୍ଟ ୨୦୨୩ର ସେଇ ପ୍ରତୀକ୍ଷିତ ସନ୍ଧ୍ୟାରେ ଯେବେ ବିକ୍ରମ ତା'ର ନିର୍ଦ୍ଦିଷ୍ଟ ସ୍ଥାନରେ ସୁଖଦ ଅବତୀର୍ଣ୍ଣ କଲା, ଭାରତୀୟ ଅନ୍ତରୀକ୍ଷ ବୈଜ୍ଞାନିକମାନଙ୍କ ସହ କୋଟି କୋଟି ଜନ ମାନସଙ୍କର ଖୁସିର ପାରାବାର ଫୁଲି ଉଠିଲା । ଏ ବିଜୟ କେବଳ ନିଷ୍ଠବାନ ବୈଜ୍ଞାନିକମାନଙ୍କର ନଥିଲା, ଥିଲା କୋଟି କୋଟି ଭରତୀୟଙ୍କର, ଥିଲା ସମଗ୍ର ମାନବ ଜାତିର । ଚତୁର୍ଥ ରାଷ୍ଟ୍ର ଭାବରେ ଚନ୍ଦ୍ରମାର ପୃଷ୍ଠ ସ୍ପର୍ଶ କରିବାର ଗୌରବ ହାସଲ କରିଥିଲା ଭାରତ । ପ୍ରଥମ ରାଷ୍ଟ୍ର ଭାବେ ଦକ୍ଷିଣ ମେରୁରେ ପହଞ୍ଚିବାର ରୋମାଞ୍ଚରେ ଶିହରିତ ହେଇଯାଉଥିଲା ପ୍ରତ୍ୟେକଟି ଭାରତୀୟଙ୍କ ଶରୀର । ବିଶ୍ୱ ଏକ ଭିନ୍ନ ଚକ୍ଷୁରେ ଦେଖିବାକୁ ଆରମ୍ଭ କଲା ଆମ ଜାତିକୁ, ଆମ ରାଷ୍ଟ୍ରକୁ । ବଦଳ ଗାଡ଼ିରୁ ଆରମ୍ଭ ହେଇ ଚନ୍ଦ୍ରପୃଷ୍ଠରେ ପହଞ୍ଚିବାରେ ଯାତ୍ରା ଯେତିକି ରୋମାଞ୍ଚକର ସେତିକି ପ୍ରେରଣାଦାୟକ ମଧ୍ୟ !

ଭାରତୀୟ ଅନ୍ତରୀକ୍ଷ ଗବେଷଣା କେନ୍ଦ୍ର ତଥା ଏହି ଅନୁଷ୍ଠାନ ସହ ଜଡ଼ିତ ପ୍ରତ୍ୟେକ ବୈଜ୍ଞାନିକମାନଙ୍କୁ ଅଶେଷ ଶୁଭେଚ୍ଛା ଓ ଶୁଭକାମନା ସହ

ଜୟ ଜଗନ୍ନାଥ !!!

୦୩
ସମ୍ପାଦକୀୟ
ତାପସ ରଞ୍ଜନ



୦୫
ଗଣେଶ ବନ୍ଦନା
ମମତା ସାହୁ



୦୭
ବିଶ୍ୱକର୍ମା
ମଧୁମିତା ମିଶ୍ର




୦୮
ଚନ୍ଦ୍ରରେ ମାନବ
ସୁନନ୍ଦା ମହାନ୍ତି




୧୦
ପାହିଗଲା ରାତି
ସଂଗ୍ରାମ ସେନାପତି




ଏହି ସଂସ୍କରଣରେ...




ଶାରୀ କଥା
ବର୍ଷାରାଣୀ ମହାମଲ୍ଲିକ
୧୪



ସ୍ୱପ୍ନ ଓ ବାସ୍ତବତା
ମନୋରଞ୍ଜନ ସୁରୁଜାଲ
୧୬



ଶୁନୁଗାଡ଼ି
ଦେବାଶିଷ ଭୋଳ
୧୮



କଲରାପତ୍ରିଆ
ଶ୍ରବଣ କୁମାର ମିଶ୍ର
୨୦



ମୌସୁମୀ
ଭରତ କୁମାର ଦାଶ
୩୨


ଗଣେଶ ଭଜନ

ଅଜ୍ଞାନ ନାଶନ ପ୍ରଭୁ ବିଘ୍ନ ବିନାଶନ
ବକ୍ରତୁଣ୍ଡ ଲମ୍ବୋଦର ଗଉରୀ ନନ୍ଦନ ॥
ଏକ ଦନ୍ତର ଦେବତା ପ୍ରଭୁ ଜ୍ଞାନଦାତା
ଅଗ୍ରପୂଜ୍ୟ ଗଣନାଥ ଜଗତ ପୂଜିତା ॥
ମୂଷିକ ବାହନ ବିଦ୍ୟାଧର ଗଣେଶ୍ୱର
ବିକଟ ବିଘ୍ନ ନାଶନ ଗଜ କର୍ଣ୍ଣ ବର ॥
ଖଡଗଧର ଧୂମକେତୁ ଶୋହେ ଶ୍ରୀ ଚନ୍ଦନ
ରକତ ଚନ୍ଦନ ରକ୍ତ ବସ୍ତ୍ର ପରିଧାନ ॥
କପାଳେ ଚନ୍ଦନ ଟୋପା ଦିଶଇ ସୁନ୍ଦର
ସଦା ବିରାଜଇ କଣ୍ଠେ ମୁକୁତାର ହାର ॥
ଅଜ୍ଞାନୀ ଅନ୍ତକ ହୃଦପ୍ରିୟ ବ୍ରହ୍ମଚାରି
କନ୍ଧେ ଶୋଭାପାଏ ଯଜ୍ଞ ପଇତା ତୁମ୍ଭରି ॥



ଆଦିକର୍ଣ୍ଣ ଆଦିଦେବ ମାୟା ବିବର୍ଜିତ
ଅମ୍ବିକେୟ ଅରବିନ୍ଦ ତ୍ରିଲୋକ ପୂଜିତ ॥
ତୁମ୍ଭ ଦୟା ହେଲେ ମୁର୍ଖ ହୁଅଇ ପଣ୍ଡିତ
ଜ୍ଞାନର ଗରିଷ୍ଠ ଦେବ ନିର୍ଗୁଣ ଆରକ୍ତ ॥
ତୁମ୍ଭ ଜ୍ଞାନ ପ୍ରଦୀପରେ ଆଲୋକ ସଂସାର
ବିପଦ ରକ୍ଷକ ପ୍ରଭୁ ଜଗତ ଉଦ୍ଧାର ॥
କେ ବର୍ଣ୍ଣି ପାରିବ ତୁମ୍ଭ ମହିମା ସମ୍ଭାର
ନମସ୍ତେ ଅମ୍ବିକା ସୁତ ମୋତେ କୃପାକର ॥
ଜନ୍ମେ ଜନ୍ମେ ସେବୁଥିବି ତୁମ୍ଭରି ଚରଣ
ତୁମ୍ଭ ପାଦପଦ୍ମ ତଳେ ଗଲି ମୁଁ ଶରଣ ॥

- ମମତା ସାହୁ



ଭଗବାନଙ୍କୁ ପ୍ରଶ୍ନଟିଏ

ହେ ଭଗବାନ !!!
ପ୍ରଶ୍ନଟିଏ ପଚାରୁଛି ତୁମକୁ
ଉତ୍ତର ଦେବକି ସତେ?
କାହିଁକି ଏ ଭେଦଭାବ,
ତୁମରି ଜଗତେ?

ଉଚ୍ଚ ନିଚ, କଳା ଗୋରା
ଧନୀ ଓ ନିର୍ଦ୍ଧନ ସୃଷ୍ଟି କରି
କି ସୁଖ ପାଉଛ ତୁମେ,
କହିକି ପାରିବ ଏ ପ୍ରଶ୍ନର ଉତ୍ତର
ସଂକ୍ଷେପରେ ମୋତେ?

ଧର୍ମ ଓ ଅଧର୍ମ
ଦୁଇଟି ଶବ୍ଦ ସୃଷ୍ଟି କରିବା
କେତେ ଦୂର ଯୁକ୍ତି ଯୁକ୍ତ
ତୁମରି ମରତେ,
ସଂକ୍ଷେପରେ କହିବ କି ମୋତେ?

ନାରୀ ଓ ପୁରୁଷ
ଶ୍ରେଷ୍ଠ ଉପହାର ତବ
ଉତ୍ତର ଦେବକି ସତେ
କେତେ ପୁତନା ଓ କେତେ ରାବଣ
ବୁଲୁଛନ୍ତି ତୁମ ଏ ମରତେ?


- ମନୋଜ କୁମାର ଅଦା



ବିଶ୍ୱକର୍ମା

ବିଶ୍ୱକର୍ମା ପୂଜା ପାଇଁ ଭବ୍ୟ ସମାରୋହର ଆୟୋଜନରେ ସବୁ ବନ୍ଧୁବାନ୍ଧବ, ସାଙ୍ଗସାଥୀମାନଙ୍କ ଆଗରେ ସହରର ବିଶିଷ୍ଟ ଶିଳ୍ପପତି ନିଜ ପିତାମାତାଙ୍କୁ ମଞ୍ଚ ଉପରକୁ ଡାକି ଯେତେବେଳେ ତାଙ୍କ ପାଦତଳେ ଲମ୍ବହୋଇ ପଡ଼ିଯାଇ କହିଥିଲେ, "ତୁମେ ହିଁ ସେହି ବିଶ୍ୱକର୍ମା ଯେ ମୋତେ ନିର୍ମାଣ କରିଛ ଏବଂ ମୋତେ ଆବଶ୍ୟକୀୟ ଜ୍ଞାନକୌଶଳ ଓ ଉପକରଣ ଦେଇ ଦୁନିଆରେ ଆଗକୁ ବଢ଼ିବା ପାଇଁ ଯୋଗ୍ୟ କରିଥିବାରୁ ତୁମକୁ ଶତତ ପ୍ରଣାମ ।" ସେତେବେଳେ ସମସ୍ତେ ନିଜ ପିତାମାତାରୂପୀ ବିଶ୍ୱକର୍ମାଙ୍କୁ ମନେ ପକେଇ ଭାବୁକ ହୋଇ ଯାଇଥିଲେ !!

- ମଧୁମିତା ମିଶ୍ର




ଚନ୍ଦ୍ର ପୃଷ୍ଠରେ ମାନବ


ଅନ୍ୱେଷା ଅହର୍ନିଶ ସଫଳତା ପାହାଚ
ମଣିଷର ପାଦ ଚନ୍ଦ୍ର ପୃଷ୍ଠ
ବିଜ୍ଞାନର ଅଗ୍ରଗତି ମଣିଷର ତ୍ୱରିତ
ଗତିପଥ ଆଜି ବାଟ କଢ଼ାଇ ନେଇଛି
ଚନ୍ଦ୍ର ପୃଷ୍ଠରେ ଲାଇକା ପରେ ମଣିଷ
ପାଦ ପକେଇଛି
ଭୂଗୋଳ, ଜଉତିଷ ସବୁ ସେମିତି ଅଛି
ପ୍ରୟାସର ଶିଢ଼ି ଚଢ଼ି ମଣିଷ ଖୋଜୁଛି
ନିଜ ପଦାଚିହ୍ନ କୋଉଯାଏ
ଆୟୁଷ ସରିବ ବୟସ ଖସିବ
ତଥାପି ଚେଷ୍ଟାରେ ବିରାମ ନଥାଉ
ନଥାଉ ବି କମା ପୂର୍ଣ୍ଣଚ୍ଛେଦ
ଅଭେଦ ଦୁର୍ଭେଦ୍ୟ ପ୍ରାଚୀର ଫିଟିଯାଉ
କଣ କାହିଁକି କେମିତି ଧାରାରେ
ଧରାରେ ଜିଜ୍ଞାସାର କେତେନାମ
ତା ଭିତରୁ ଚନ୍ଦ୍ରପୃଷ୍ଠ ଓ ମଣିଷ ପାଦ
ସାବଲୀଳ ଗତି ସଂସ୍କୃତି ସହ ତାଳ ମିଳାଇ
ଚନ୍ଦ୍ରକୁ ଯାଉ, ପରପିଢ଼ି ପାଇଁ ମୁଲୁଦୁଆ ହେଉ

ଅନ୍ୱେଷା ଓ ଜିଜ୍ଞାସା ଚମତ୍କାରିତା ଦେଉ
ମଣିଷ ପାଦ ଅଛି ଥିବ ଥାଉ
ମନ୍ଦିର ଗାତ୍ରରୁ ଚନ୍ଦ୍ର ପୃଷ୍ଠ ଯାଏ
ଆଶାର ମହମବତୀ ତେଜି ଦେଇ
ଆଲୋକ ଦେଖାଇବା ଧର୍ମ ମଣିଷ ନିଭାଉ ।

- ସୁନନ୍ଦା ମହାନ୍ତି



ପାହ୍ନିଗଲା ରାତି





ସେ ଗ୍ରୀଷ୍ମରେ ବି ବସନ୍ତର ଆନନ୍ଦ ନେଇ ପାରୁଥିଲେ, କ୍ଷୁଧାରେ ବି ସେ ଆତ୍ମସନ୍ତୋଷର ଖୁସିକୁ ଖୋଜୁଥିଲେ, ସମ୍ପର୍କରୁ ମଣିଷପଣିଆର ଅନୁଭବ ସାଉଁଟିବା ପାଇଁ ଯିଏ ସାହିତ୍ୟ ସାଧନାରେ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିଲେ, ସେ ଥିଲେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ର । ୧୯୨୮ ମସିହାର ଅକ୍ଟୋବର ୨୨ ତାରିଖରେ କଟକଠାରେ ଏକ ନିମ୍ନ ମଧ୍ୟବିତ୍ତ ଓଡ଼ିଆ ଖ୍ରୀଷ୍ଟିଆନ ପରିବାରରେ ଜନ୍ମଗ୍ରହଣ କରି ଅନେକ ଘାତ ପ୍ରତିଘାତ ଦେଇ ଗତି କରିଥିଲା ତାଙ୍କ ଜୀବନ ।

ଉଭୟ ଓଡ଼ିଆ ଏବଂ ଇଂରାଜୀରେ କବିତା ଲେଖୁଥିବା ଏହି କାଳଜୟୀ କବି ଜଣଙ୍କ ପେଶାରେ ଥିଲେ ଜଣେ ପଦାର୍ଥ ବିଜ୍ଞାନର ଅଧ୍ୟାପକ । କଟକ ସ୍ଥିତ ରେଭେନ୍‌ସା କଲେଜରୁ ଶିକ୍ଷାଦାନ ଆରମ୍ଭକରିବାଲେଶ୍ୱରର ଫକୀରମୋହନ କଲେଜ, ସମ୍ବଲପୁରର ଗଙ୍ଗାଧର ମେହେର କଲେଜ, ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ବିଦ୍ୟାଧର କଲେଜରେ ସେ ଅଧ୍ୟାପନା କରିଥିଲେ ।

୧୯୫୩ ମସିହାରେ ୩୮ ବର୍ଷ ବୟସରେ କବିତା ରଚନା କରିଥିଲେ ସେ ଓ ୪୦ ବର୍ଷ ହେବା ପୂର୍ବରୁ ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା । ଇଂରାଜୀ କବିତା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ କବି । ଆଧୁନିକ ଭାରତୀୟ ଇଂରାଜୀ ସାହିତ୍ୟରେ କ୍ଲାସିକ ଭାବରେ ବିବେଚନା କରାଯାଉଥିବା ଇଣ୍ଡିଆନ ସମର ଏବଂ ହଙ୍ଗର ଆଦି



କବିତାର ସେ କବି । ୨୦୦୯ ମସିହାରେ ତାଙ୍କୁ ଭାରତର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା । ଭାରତରେ ବଢୁଥିବା ଅସହିଷ୍ଣୁତା ବିରୋଧରେ ପ୍ରତିବାଦ କରିବା ପାଇଁ ସେ ୨୦୧୫ ରେ ଏହି ପୁରସ୍କାର ଫେରାଇ ଦେଇଥିଲେ ।

ତାଙ୍କ ଆତ୍ମଜୀବନୀ ଥିଲା, "ପାହିନି ରାତି" ଆଉ ୨୦୨୩ ମସିହା ଅଗଷ୍ଟ ୨୭ ତାରିଖରେ ସତରେ ରାତି ଆଉ ପାହିଲାନି । କଟକସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟରେ ଚିକିତ୍ସାଧୀନ ଅବସ୍ଥାରେ ୯୫ ବର୍ଷ ବୟସରେ ଆର ପାରିକୁ ଚାଲିଯାଇଥିଲେ ସେ ।



ଫଟୋ ସୌଜନ୍ୟ: ପ୍ରଦୀପ୍ତ ମହାନ୍ତି

ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ

ପାହିନି ରାତି (ଆତ୍ମଜୀବନୀ)
ସ୍ୱୟଂବର (୧୯୭୧)
ପ୍ରତୀକ୍ଷା (୧୯୭୯)
ସମ୍ପର୍କ (୧୯୮୦)
ବଳୀ (୧୯୯୩)
କହିବି ଗୋଟିଏ କଥା (୧୯୯୫)
ଟିକିଏ ଛାଇ (୨୦୦୪)
ଭୋର ମୋଇତ୍ର କନଫୁଲ (୨୦୧୧)
ବାୟା ରାଜା (୧୯୯୭)
ଯଦି'ବା ଗପ ଟିଏ (୨୦୦୮)
ଝାଞ୍ଜି (୨୦୨୩)

ଇଂରାଜୀ ସାହିତ୍ୟ ପ୍ରତି ଅବଦାନ

କ୍ଲୋଜ ଦ ସ୍କାଇ ଟେନ ବାଇ ଟେନ
ଏ ରେନ୍ ଅଫ ରଇଟ୍
ରିଲେସନସିପ

"ପ୍ରଥମେ ମୁଁ ଗପ ଲେଖିଥିଲି । ପତ୍ର ପତ୍ରିକାକୁ ମଧ୍ୟ ପଠାଇଥିଲି । 'ଇଲଷ୍ଟ୍ରେଟେଡ୍ ୱିକ୍ଲି ଅଫ୍ ଇଣ୍ଡିଆ' ସେତେବେଳେ ବଡ଼ ସମ୍ବାଦପତ୍ର ଥିଲା । ସେଠାକୁ ମଧ୍ୟ ପଠାଇଲି । ସବୁଆଡୁ ଫେରିଆସିଲା । ସଂପାଦକମାନେ କହିଲେ ନାଇଁ ଆମ ପାଇଁ ତୋ ଲେଖା ଉଚ୍ଚ ମାନର ହେଉ ନାହିଁ । ମୁଁ ଲେଖାଲେଖି ବନ୍ଦ କରିଦେଲି । ଭାବିଲି, ମୋ ଦ୍ୱାରା ଲେଖା ଆଉ ହେବ ନାହିଁ । ମୋର ଗପ ଲେଖିବାକୁ ଭାରି ଇଚ୍ଛା ଥିଲା, ଉପନ୍ୟାସ ଲେଖିବାକୁ ମଧ୍ୟ ମନ ଥିଲା । ମୁଁ ବଡ଼ ଧକ୍କା ଖାଇଲି। ଲେଖାଲେଖି ନକରି ମୋର ପଢ଼ାପଢ଼ି ଯେପରି କରିବା କଥା ସେପରି କଲି । ପଦାର୍ଥ ବିଜ୍ଞାନରେ ଗବେଷଣା ଆରମ୍ଭ କଲି । ମୋର ମନ କିନ୍ତୁ ଚଞ୍ଚଳ ଥାଏ । ଗବେଷଣା ଅଧା କରିଥିଲି, କ'ଣ ମନ ହେଲା ତାକୁ ଛାଡ଼ିଦେଲି । ସେତେବେଳେ ଫଟୋଗ୍ରାଫିରେ ମନ ବଳିଲା । ବହୁ ଫଟୋ ଉଠାଇଲି । ତାହା ମଧ୍ୟ ଅନେକ ସମ୍ବାଦପତ୍ରରେ ସ୍ଥାନ ପାଇଲା ।

୨୦୦୯ ମସିହାରେ ରଙ୍ଗରାଗ ସାହିତ୍ୟ ପତ୍ରିକାର ପ୍ରଥମ ସଂଖ୍ୟାରେ କବି ଜୟନ୍ତ ମହାପାତ୍ରଙ୍କ ସମ୍ପର୍କରେ ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ରଚନାରୁ ପ୍ରକାଶିତ ଫିଚରର ପ୍ରଥମ ଅନୁଚ୍ଛେଦ ।

ଶାରୀର ଆତ୍ମକଥା

ମୁଁ ବି ଉଡୁଥିଲି ମୁକ୍ତ ଆକାଶରେ
ଅନ୍ୟ ପକ୍ଷୀଙ୍କ ଭଳି
ଜୀବନ ଥିଲା ଗୋଟେ ପ୍ରକାରର ଆରାମ
ରେ ମଣିଷ ତୁ ମତେ ପ୍ରଲୋଭନ ଦେଖାଇଲୁ
ସୁନା ତାଟିଆରେ ସୁସ୍ୱାଦୁ ଖାଦ୍ୟ
ଦେଖି ମୁଁ ପାଖକୁ ଯିବାକୁ ହେଲି ବାଧ୍ୟ ।

ପ୍ରକୃତିକୁ ଛାଡ଼ି କୃତ୍ରିମତାକୁ ଆପଣେଇ ନେଲି
ମୋ ପରି କିଏ ଭକୁଆ ଅଛି?
ନିଜ ପରିବାର ଛାଡ଼ି ନିଜ ଲୋକଙ୍କ କଥାକୁ
ପ୍ରତ୍ୟାଖାନ କରି ପରକୁ ବିଶ୍ୱାସ କରିବାର
ଦୁଃସାହସ ଯେତେବେଳେ କରିଛି
ଫଳ ତ ପାଇବି...
ମୁଁ କିନ୍ତୁ ଜାଣି ନ ଥିଲି ଭଦ୍ରାମିର ମୁଖା ପିନ୍ଧିଥିବା
ଏ ମଣିଷର ଅନ୍ତର ଏତେ ଦାନବ ପ୍ରବୃତ୍ତିର ।

ମୁଁ ସେଦିନ ଛଟପଟ ହେଲି
ଦାରୁଣ ଚିତ୍କାର ଅବିରତ କଲି
ଅଥଚ ମୁକୁଳି ପାରିଲିନି ।
ମୋ ବନ୍ଧୁ ପରିଜନ ସବୁ ଶୁଣୁଥିଲେ ଅଥଚ
ଥିଲେ ସମ୍ପୂର୍ଣ୍ଣ ନାଚାର ।





ମୁଁ କେତେ ଝୁରୁଥୁଲି କିନ୍ତୁ ସେମାନେ ଖୁବ୍ ଖୁସି ଥିଲେ,
ପଞ୍ଜୁରୀ ଭିତରେ ଥିଲି ମୁଁ ଅସହାୟ ଭାବେ....
ସେ ମଣିଷଟିର ଛୁଆ ଦୁଇଟି ମତେ ଆସି ଗେଲ କରୁଥିଲେ
କିନ୍ତୁ ମୁଁ ମୋ ପ୍ରିୟଜନଙ୍କୁ ଖୋଜୁଥିଲି
ଏକାନ୍ତରେ ଅତି ଯନ୍ତ୍ରଣାରେ,
ସମୟର ସୁଅରେ ମୁଁ ବଞ୍ଚିବା ଶିଖିଲି
ଧୀରେ ଧୀରେ ମଣିଷକୁ ଭଲ ବି ପାଇଲି ।

ମୋର ଆଜିକାଲି ଭାରି ଇଚ୍ଛା ହୁଏ
ଟିକେ ମୁକ୍ତାକାଶରେ ଉଡ଼ି ଆସି
ପୁଣି ପଞ୍ଜୁରୀ ଭିତରେ ଫେରି ଆସିବାକୁ...
ମଣିଷ କିନ୍ତୁ କେବଳ ନିଷ୍ଠୁର ନୁହଁ ସନ୍ଦେହୀ ମଧ୍ୟ
ମତେ ଛାଡ଼ି ପାରେନି...
କାଳେ ଉଡ଼ିଯିବି ବହୁ ଦୂରକୁ ।

ମୁଁ କିନ୍ତୁ ତାକୁ ବୁଝେଇ ପାରେନି
ମୁଁ ମଣିଷ ଭଲି ନିମକହାରାମି କରି ଜାଣେନି ବୋଲି ।

- ବର୍ଷାରାଣୀ ମହାମଲ୍ଲିକ

Photo: Lip Kee; CC-BY-SA-2.0



ଜୀବନ ଯାତ୍ରା

ବଢ଼ିଲା ନଈରେ ତତଲା ବାଲିରେ
ନାଆ ମୁଁ ଦେଇଛି ସୁଅକୁ ଠେଲି
ଏ ଭବ ସୁଅରେ ସେ ନାବ ନାଉରୀ
ନାଆକୁ ଦେଉଛି ଆହୁଲା ମାରି ।

ଅଣଚାଶ ବାଆ ଘନ ବିଜୁଳିରେ
ଛାତି ଥରେ ଥରକୁ ଥର
ଘୋର ଅନ୍ଧକାରେ ଏ ଘନକାଳରେ
ଭୟଭୀତ ତନୁ ମୋର ।

କି ଗୁଣ ଗାଇବି? କିସ ବଖାଣିବି?
ଏଇତ ଅଟେ ଜୀବନ !
ପ୍ରାଚୀ ଦିଗର ସେ ଉଦିତ ଅରୁଣ
ଶେଷ ହୁଏ ଅସ୍ତମାନ !

ଭରସା ରଖିଛି କଥା ସେ ଦେଇଛି
ରଖିବ ମୋହର ମାନ
ଏ ଭବ ସାଗରୁ ପାରିକରିଦେବ
ପାଇବି ନୂଆ ଜୀବନ ॥

- ରାଜେନ୍ଦ୍ର ପାତ୍ର



ଶୂନୁଗାଡ଼ି

ଆଜି ବି ସାଇତା ଶୂନୁଗାଡ଼ିଟିଏ
ଶୂନ୍ୟ ସେଇ ଚାଳିଆରେ,
ସମୟେ ସମୟେ ସ୍ମୃତି ଭେଟିଦିଏ
ଭାବନାର ଓଳିଆରେ ।

ଅନ୍ଧ ଲଉଡ଼ି ସେ ମୋ'ର ଆଶା ବାଡ଼ି
ସେ ମୋ'ର ପରାଣ ମିତ,
ସୁଖେ ଅବା ଦୁଃଖେ ଯାଇ ନାହିଁ ଛାଡ଼ି
କରିନାହିଁ କେବେ ହଟ ।

ଖାଲ ଖମା ଭରା ଏ ଜୀବନ ପଥେ
ଅବିଶ୍ରାନ୍ତ ଭାବେ ଧାଇଁ,
ହାରି ନାହିଁ ଅବା ଡରି ନାହିଁ ସତେ
କେବେ ଥକି ପଡ଼ି ନାହିଁ ।

କାଳ ପ୍ରଭାବରେ ଦୁନିଆ ଭିଡ଼ରେ
ନିଜେ ହୋଇ ହତାଦର,
ଅଗମ୍ୟ-ଅଦୃଶ୍ୟ-ଅମଡ଼ା ବାଟରେ
କରି ନାହିଁ କେବେ ପର ।
ସେହି..ଶୂନୁଗାଡ଼ିଟିଏ ମୋ'ର ।

- ଦେବାଶିଷ ଭୋଳ

ସ୍ୱପ୍ନ ଓ ବାସ୍ତବତା





ଥମିନି ପାଦ
ଆଗେଇବାକୁ,
ଥକିନି ଦେହ
ଦୁଃଖ ଗୁଡ଼ିକୁ
ମୁଣ୍ଡେଇ ବାକୁ,
କାରଣ, ବଞ୍ଚିବାଟା
କେତେ ସହଜ
ପିମ୍ପୁଡ଼ି ପରି
ଦିନ ରାତି ପରିଶ୍ରମ ତ?
ମହୁ ମାଛି ଭଳି
ଘୁରି ବୁଲିବା ।
ବାସ, ପୁଅ ଆଜି
ଏ ବୁଢ଼ା ବୟସରେ
ପାଖେ ନାହିଁ,
ଏ ମଡ଼ା ପାଇଁ
କାନ୍ଧ ନାହିଁ ।
ଝିଅ ଆଜି
ବସା ବାନ୍ଧିଲାଣି
ଆମ ଅଜାଣତରେ,
ମନେ ପଡ଼େ
ସେଦିନର ସପ୍ନ
ନୀଡ଼ଟିଏ ଆଉ
'ଚୁଁ ' 'ଚୁଁ ' ଦିଓଟି ଶାବକ ॥

- ମନୋରଞ୍ଜନ ସୁରୁଜାଲ


କର୍ବେଟ୍, କେନ୍ନେଥ୍ ଓ କଲରାପଟ୍ରିଆ

ରଚନା: ଶ୍ରବଣ କୁମାର ମିଶ୍ର



Photo by: DEEP BHATTACHARYYA

କର୍ବେଟ୍ ଓ କେନ୍ନେଥ୍ ହେଉଛନ୍ତି ବ୍ରିଟିଶ୍ ଶାସନାଧୀନ ତଥା ସ୍ୱାଧୀନତା ପରବର୍ତ୍ତୀ ଭାରତର ଦୁଇ ଜଣ ଶିକାରୀ ଓ ଲେଖକ । ଏଡ୍ୱାର୍ଡ୍ ଜେମ୍ସ୍ କର୍ବେଟ୍ (୧୮୭୫-୧୯୫୫) ବା ଜିମ୍ କର୍ବେଟ୍ ଉତ୍ତର ଭାରତରେ ଜଣେ ଜଣାଶୁଣା ଶିକାରୀ ଥିଲେ ଯାହାଙ୍କ ନାମରେ କର୍ବେଟ୍ ଜାତୀୟ ଉଦ୍ୟାନର ନାମକରଣ ହୋଇଛି । ଗଢ଼ୱାଲ ଓ ତେରାଇ ଅଞ୍ଚଳର ବହୁ ନରଭକ୍ଷୀ ବାଘଙ୍କର ସେ ଶିକାର କରିଥିଲେ । ସେ ସମୟର ପାହାଡ଼ ଓ ଗାଁ ଗହଳିରେ ସେ "କାର୍ପେଟ୍ ସାହେବ" ରୂପେ ପରିଚିତ ଥିଲେ । ରେଳ ବିଭାଗରେ କାର୍ଯ୍ୟରତ କର୍ବେଟ୍ କୌଣସି ଗାଲିଚା ବ୍ୟବସାୟ ସହିତ ଜଡ଼ିତ ନଥିଲେ । ଲୋକମୁଖରେ କର୍ବେଟ୍ ଶବ୍ଦ ଅପଭ୍ରଷ୍ଟ ହୋଇ କାର୍ବେଟ୍ ଓ କାର୍ପେଟ୍ ହୋଇଯାଇଥିଲା । ଦକ୍ଷିଣ ଭାରତର ପ୍ରମୁଖ ଶିକାରୀମାନଙ୍କ ମଧ୍ୟରେ କେନ୍ନେଥ୍ ଡଗ୍ଲସ୍ ଷ୍ଟୁଆର୍ଟ୍ ଆଣ୍ଡର୍ସନ୍ (୧୯୧୦-୧୯୭୪) ଅନ୍ୟତମ । ବେଙ୍ଗଲୁରୁର ହିନ୍ଦୁସ୍ଥାନ ଏରୋନଟିକ୍ସ୍ ଲିମିଟେଡ୍ (ହିଏଲି) ସଂସ୍ଥାରେ ସେ ଜଣେ କର୍ମଚାରୀ ଥିଲେ । ଜିମ୍ କର୍ବେଟ୍ ଇଂରେଜ ହୋଇଥିବା ବେଳେ, କେନ୍ନେଥ୍ ଆଣ୍ଡର୍ସନ୍ ଜଣେ ସ୍କଟ୍ (ସ୍କଟ୍‌ଲାଣ୍ଡ ନିବାସୀ) ଥିଲେ । ସେ ସମୟର ଲୋକଙ୍କ ପାଇଁ ସେମାନେ ଶିକାରୀ ହୋଇଥାଇପାରନ୍ତି କିନ୍ତୁ ଆଜିର ପିଢ଼ୀ ପାଇଁ ସେମାନଙ୍କ ଶିକାର ସମ୍ବନ୍ଧୀୟ ପୁସ୍ତକ ହିଁ ସେମାନଙ୍କ ଏକମାତ୍ର ପରିଚୟ । ଏବେ ଭାରତରେ ଯେ କୌଣସି ପ୍ରକାରର ବନ୍ୟଜନ୍ତୁ ଶିକାର ଆଇନତଃ ଅପରାଧ । କେବଳ ନରଭକ୍ଷୀ ପାଲଟୁଥିବା ବନ୍ୟଜନ୍ତୁଙ୍କ ଶିକାର ପାଇଁ ସରକାର ଶିକାରୀମାନଙ୍କୁ ଆମନ୍ତ୍ରିତ କରିଥାନ୍ତି । ହେଲେ ଶିକାର କାହାଣୀମାନଙ୍କରୁ ବନ୍ୟଜୀବଙ୍କ ବିଷୟରେ ଅନେକ କିଛି ଜାଣିବାକୁ ମିଳେ । ଆଗକୁ ଆମେ ତାହା ଉପରେ ହିଁ ଦୃଷ୍ଟି କେନ୍ଦ୍ରିତ କରିବା । ଉଭୟଙ୍କ ଲେଖାରେ ସେମାନେ ନିଜ ନିଜ ଦୃଷ୍ଟିକୋଣ ଉପସ୍ଥାପିତ କରିଛନ୍ତି । ସେ ଦୃଷ୍ଟିକୋଣ ସଂକୀର୍ଣ୍ଣ ନା ପ୍ରଶସ୍ତ, ତତ୍କାଳୀନ ଭାରତୀୟ ଲୋକପ୍ରଥାର ବିରୋଧୀ ନା ସମର୍ଥକ – ତାହା ପାଠକଙ୍କ ଉପରେ ଛାଡ଼ିଦେବା ଉଚିତ । ଉଭୟ ଲେଖକ ମୁଖ୍ୟତଃ ନରଖାଦକ ଅଥବା ଗୋରୁହନ୍ତା କଲରାପତ୍ରିଆଙ୍କ କଥା ଉଲ୍ଲେଖ କରିଛନ୍ତି । କୋଟା ଉଲ୍ଲାସ କାରନ୍ଥ ନାମକ ଆଉ ଜଣେ ବ୍ୟାଘ୍ର ସଂରକ୍ଷଣବିତ୍ ଏକ ଗଳ୍ପ ସଂକଳନର ଉପକ୍ରମରେ ଉଭୟଙ୍କ ବିଷୟରେ ଦୁଇ ଧାଡ଼ି ଉଲ୍ଲେଖ କରିଛନ୍ତି । ଜିମ୍ କର୍ବେଟ୍‌ଙ୍କ ରଚନା ପ୍ରାକୃତିକ ପରିବେଶର ଅତି ସୂକ୍ଷ୍ମ ତଥ୍ୟ ଉପସ୍ଥାପିତ କରେ ଓ ପାଠକଙ୍କ ମନରେ ପ୍ରାକୃତିକ




ଫଟୋ ସୌଜନ୍ୟ: ଜିମ୍ କର୍ବେଟ୍‌ଙ୍କ ରଚିତ ପୁସ୍ତକ



ଫଟୋ ସୌଜନ୍ୟ: George Allen & Unwin Limited

ଇତିହାସର ବହ୍ନି ପ୍ରଜ୍ୱଳିତ କରେ ବୋଲି ସେ ଲେଖିଛନ୍ତି । କେନ୍ନେଥ୍‌ଙ୍କ ଅନେକ ଗଳ୍ପ କର୍ବେଟ୍‌ଙ୍କ ଶୈଳୀରେ ଲିଖିତ ଥିବା ସେ କୁହନ୍ତି । ତା' ସହିତ ସେ କୁହନ୍ତି ଯେ ଉଭୟଙ୍କ ତୁଳନାରେ କେନ୍ନେଥ୍ ଅଧିକ କୁଶଳୀ ଓ ପ୍ରତିଭାବାନ ଗାଳ୍ପିକ ।(୧) କେନ୍ନେଥ୍‌ଙ୍କ ରଚନାରେ ଜଣେ ଜାଣିପାରିବ ନାହିଁ ଯେ କେଉଁ ଅଂଶଟି ସତ୍ୟ ଓ କେଉଁ ଅଂଶଟି କଳ୍ପନାପ୍ରସୂତ ।

ତୃତୀୟ ଚରିତ୍ର ହେଲା ଭାରତରେ ଦେଖିବାକୁ ମିଳୁଥିବା କଲରାପତ୍ରିଆ ବାଘ ପ୍ରଜାତି ଯାହାକୁ ଜୀବବିଜ୍ଞାନୀ "ପାନ୍ଥେରା ପାର୍ଡସ୍ ଫୁସ୍କା" ବୋଲି କୁହନ୍ତି । ସହର ଓ ଜନବସତିକୁ ପଶି ଆସିଥିବା କଲରାପତ୍ରିଆ ବାଘଙ୍କ ବିଷୟରେ ଆମେ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ୍ ରିପୋର୍ଟ ଓ ବୃତ୍ତଚିତ୍ରମାନଙ୍କରୁ ଶୁଣିବାକୁ ପାଉଛେ । ମୁମ୍ବାଇ ନଗରୀ ସହ ସଂଲଗ୍ନ ସଞ୍ଜୟ ଗାନ୍ଧୀ ଜାତୀୟ ଉଦ୍ୟାନରୁ ରାତିର ଅନ୍ଧକାରରେ କଲରାପତ୍ରିଆ ଆପାର୍ଟମେଣ୍ଟ୍ ପରିସରକୁ ପଶି ପୋଷା କୁକୁର ବା ମନୁଷ୍ୟଙ୍କ ଜନବସତିକୁ ପଶି ଆସି ଗୃହପାଳିତ ଘୁଷୁରି, ଛେଳି ଓ ବୁଲା କୁକୁର ଶିକାର କରି ନେଇ ପଳାନ୍ତି । ବେଙ୍ଗଲୁରୁର ଏକ ସ୍କୁଲ୍ ପରିସରକୁ କଲରାପତ୍ରିଆ ୨୦୧୬ ମସିହାରେ ପଶି ଆସିଥିଲା । ଏହି ଦଶନ୍ଧିରେ ଓଡ଼ିଶାର ସୁନ୍ଦରଗଡ଼, କଟକ, ନୂଆପଡ଼ା, ନବରଙ୍ଗପୁର ପରି ଅନେକ ଜିଲ୍ଲାରେ କଲରାପତ୍ରିଆ ବାଘ ମନୁଷ୍ୟମାନଙ୍କୁ ଆକ୍ରମଣ କରିଥିବାର ସୂଚନା ପ୍ରକାଶିତ ହୋଇଥିଲା । ଏପରି ସବୁ ଘଟଣା ପାଇଁ ବିଭିନ୍ନ କାରଣ ଉପସ୍ଥାପିତ ହୋଇଆସିଛି । ତନ୍ମଧ୍ୟରୁ ପରିବାସ କ୍ଷୟ, ଜଙ୍ଗଲରେ ଶିକାର ଅଭାବ, କଲରାପତ୍ରିଆଙ୍କ ଅଭ୍ୟାସଗତ ପ୍ରବୃତ୍ତି ଆଦି ଅନ୍ୟତମ । କେନ୍ନେଥଙ୍କ ଏକ ଗଳ୍ପ ଅନୁସାରେ ଜଳହଲ୍ଲିର କଲରାପତ୍ରିଆ ବାଘୁଣୀ ମନୁଷ୍ୟଙ୍କୁ ଦେଖିବାମାତ୍ରେ କ୍ରୁଦ୍ଧ ହୋଇ ମରଣାନ୍ତକ ଆକ୍ରମଣ କରୁଥିଲା । ଏପରି ପାଲଟିବାର କିଛି ବର୍ଷ ପୂର୍ବେ ବାଘୁଣୀ ଦଳେ ମନୁଷ୍ୟ ତା' ଶାବକମାନଙ୍କୁ ହତ୍ୟା କରୁଥିବାର ହୃଦୟବିଦାରକ ଦୃଶ୍ୟ ଦେଖିଥିଲା ଯାହା ସେ ବାଘୁଣୀ ମନରେ ସୃଷ୍ଟ ମନୁଷ୍ୟଙ୍କ ପ୍ରତି ଦ୍ୱେଷର କାରଣ ବୋଲି ଏହି ଗଳ୍ପରେ କୁହାଯାଇଛି ।(୮) ଆମ ସମ୍ମୁଖରେ ଉପସ୍ଥାପିତ ତଥ୍ୟ ଯେ ମନୁଷ୍ୟ ଓ ବିଶେଷଜ୍ଞମାନଙ୍କର ସୁଚିନ୍ତିତ ଅନୁମାନ ମାତ୍ର । ବୃହତାକାର ବିଡ଼ାଳ ଶ୍ରେଣୀରେ ଭାରତରେ ଏସୀୟ ସିଂହ (ଇଂରାଜୀରେ 'ଏସିଆଟିକ୍ ଲାୟନ୍') ଓ ମହାବଳ ବାଘ (ଇଂରାଜୀରେ 'ରୟାଲ୍ ବେଙ୍ଗଲ୍ ଟାଇଗର୍') ପରେ କଲରାପତ୍ରିଆର ସ୍ଥାନ । ଏସୀୟ ସିଂହ ପ୍ରଜାତି


Photo by: MarcusObal

ବର୍ତ୍ତମାନ କେବଳ କିଛି ଚିଡ଼ିଆଖାନା ଓ ଗୁଜରାତର ଗିର୍ ଅଭୟାରଣ୍ୟରେ ସୀମିତ ହୋଇଯାଇଛନ୍ତି । ଭାରତର ଜାତୀୟ ପଶୁ ମହାବଳ ବାଘ ଅପେକ୍ଷାକୃତ ଅଧିକ ମାତ୍ରାରେ ଦେଖାଯାନ୍ତି ଓ ମହାବଳ ବାଘଙ୍କ ସଂରକ୍ଷଣ ପାଇଁ ବହୁ ଅଭୟାରଣ୍ୟ ସ୍ଥାପିତ ହୋଇଛି । ଇଂରାଜୀରେ 'ଲେପର୍ଡ୍' ବା 'ପ୍ୟାନ୍ଥର୍' ବୋଲାଉଥିବା କଲରାପତ୍ରିଆ ବାଘ ମହାବଳ ବାଘର ଦେଶରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ନୁହେଁ ସତ, କିନ୍ତୁ ଜଙ୍ଗଲ ଜୀବନରୁ ତା'କୁ ବାଦ୍ ଦେବା ଅସମ୍ଭବ । 'ମୋଗ୍ଲି' ଗଧିଆମାନଙ୍କ ଦ୍ୱାରା ପାଳିତ ହୋଇଥିଲା କିନ୍ତୁ 'ଜଙ୍ଗଲ୍ ବୁକ୍' କାହାଣୀରେ 'ବଗିରା' ଚରିତ୍ରର କେତେ ମହତ୍ତ୍ୱ ରହିଛି ଆମେ ଜାଣିଛେ ।(୧୩) ମାର୍ଭେଲ୍ କମିକ୍ସ ଦ୍ୱାରା ପରିକଳ୍ପିତ 'ବ୍ଲାକ୍ ପ୍ୟାନ୍ଥର୍' ନାମକ ସୁପର୍ ହିରୋ ବିଷୟରେ ଆଧୁନିକ ସମୟର ଆବାଳବୃଦ୍ଧବନିତା ପରିଚିତ । କିନ୍ତୁ ତାହା ନାମରେ କେଉଁ ଜୀବର ନାମ ବ୍ୟବହୃତ ହୋଇଛି ତାହା ଅନେକ ଶିଶୁଙ୍କୁ (ଓ କିଛି ମାତ୍ରାରେ ପିତାମାତାଙ୍କୁ ମଧ୍ୟ) ଅଜଣା । ଉଭୟ ଚରିତ୍ର କଳା ରଙ୍ଗର କଲରାପତ୍ରିଆ ବାଘରୁ ଅନୁପ୍ରାଣିତ ।

କଲରାପତ୍ରିଆ ବାଘର ପ୍ରଥମ ପରିଚୟ ହେଲା ତାହା ଦେହରେ ଥିବା ଦାଗ । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ କଲରାପତୁରିଆ ଓ କଲରାପତ୍ରିଆ ବୋଲି ଦୁଇଟି ଶବ୍ଦ ଦେଖିବାକୁ ମିଳେ । ଉକ୍ତ ଶବ୍ଦାର୍ଥରେ ଲିଖିତ ଯେ ଏ ବାଘର ଦେହରେ କଲରାପତ୍ର ଆକୃତିର ମନ୍ଦା ମନ୍ଦା କଳା ଛପାଛପା ଦାଗ ଥାଏ । ଇଂରାଜୀରେ ଏହାକୁ 'ରୋଜେଟ୍' ଦାଗ ବୋଲି କୁହନ୍ତି । ତେବେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ କଲରାପତ୍ରିଆର ଶବ୍ଦାର୍ଥରେ ଏହାକୁ 'ଚିତାବାଘ' ବୋଲି ମଧ୍ୟ କୁହାଯାଇଛି । ବୋଧହୁଏ ଏହି କାରଣରୁ ଡକ୍ଟର୍ ପ୍ରଫୁଲ୍ଲ କୁମାର କରଙ୍କ ଦ୍ୱାରା କରାଯାଇଥିବା ଜିମ୍ କର୍ବେଟ୍‌ଙ୍କ ପୁସ୍ତକମାନଙ୍କର ଓଡ଼ିଆରେ ଅନୁବାଦରେ କଲରାପତ୍ରିଆ ବାଘକୁ ଚିତାବାଘ ବୋଲି କୁହାଯାଇଛି । ଏଥିରେ ଓଡ଼ିଆ ଶବ୍ଦକୋଷ ବା ଲେଖକମାନଙ୍କ ଭୁଲ ବାହାର କରିବା ଅନୁଚିତ । କାରଣ ବିଶ୍ୱର ଅନେକ ଦେଶର ସାହିତ୍ୟରେ ଚିତାବାଘଙ୍କୁ ତୀବ୍ର ବେଗରେ ଦଉଡ଼ିପାରୁଥିବା କଲରାପତ୍ରିଆ ବାଘ ବୋଲି କୁହାଯାଇଛି । ଏଥିରୁ ସହଜରେ ଅନୁମେୟ ଯେ ପୂର୍ବେ ଲୋକେ ଏମାନଙ୍କୁ ଗୋଟିଏ ଜୀବ ବୋଲି ଭାବୁଥିଲେ । ବର୍ତ୍ତମାନ ସମୟରେ 'ଚିତା' ନାମକ ବାଘଟି ମୁଖ୍ୟତଃ ଆଫ୍ରିକା ମହାଦେଶରେ ସୀମିତ । ଅତୀତରେ ଭାରତରେ ମଧ୍ୟ ବହୁ ସଂଖ୍ୟକ ଚିତାବାଘ ଦେଖିବାକୁ ମିଳୁଥିଲେ କିନ୍ତୁ କାଳକ୍ରମେ ଲୋପ ପାଇଗଲେ । ୨୦୨୨ ମସିହାରେ ପ୍ରୋଜେକ୍ଟ ଚିତା ମାଧ୍ୟମରେ ଭାରତରେ ଚିତାମାନଙ୍କ ପୁନର୍ବାସ ପାଇଁ ଚେଷ୍ଟା କରାଯାଇଛି । ଚିତାବାଘ ଓ କଲରାପତ୍ରିଆର ଦେହରେ ଛାପିଛାପିକା ଦାଗ ଥାଏ କିନ୍ତୁ ଉଭୟ ଦାଗ ଭିନ୍ନ । ଉଭୟ ଭିନ୍ନ ବିଡ଼ାଳ ପ୍ରଜାତିର ଜୀବ । ଜଣେ ଗଛ ଚଢ଼ିବାରେ ଧୂରନ୍ଦର ତ ଅନ୍ୟଟି ଭୂପୃଷ୍ଠର ଦ୍ରୁତତମ ଜୀବ । ଯଦି ଛାପ ଛାପ ଦାଗରୁ ପାଠକଙ୍କୁ ଚିହ୍ନିବାରେ ଅସୁବିଧା ହେଉଥାଏ, ତେବେ ଦୁଇ ବାଘଙ୍କ ମୁହଁକୁ ଦେଖିଲେ ସ୍ପଷ୍ଟ ଭାବେ ଜାଣିହେବ କିଏ କଲରାପତ୍ରିଆ ଓ କିଏ ଚିତା । ଯେଉଁ ବାଘର ଦୁଇ ଆଖିରୁ ଲୁହ ଗଡ଼ିବା ପରି କଳାଚିହ୍ନ ଥାଏ, ସେ ଚିତାବାଘ । ଜଙ୍ଗଲ ନିବାସୀ ବୃହଦାକାର କଲରାପତ୍ରିଆର ଛାଲ ଗାଢ଼ ରଙ୍ଗର ଏବଂ ଗାଁ ଆଖପାଖର ଜଙ୍ଗଲ କିମ୍ବା ପାହାଡ଼ରେ ରହୁଥିବା କ୍ଷୁଦ୍ରାକାର କଲରାପତ୍ରିଆର ଛାଲ ଫିକା ରଙ୍ଗର ବୋଲି କେନ୍ନେଥ୍ ପ୍ରକାଶ କରିଛନ୍ତି । ସମୟେ ସମୟେ ଏଥିରେ ବ୍ୟତିକ୍ରମ ଦେଖାଯିବା ବିଷୟ ମଧ୍ୟ ସେ ଉଲ୍ଲେଖ କରିଛନ୍ତି ।(୯) ତେବେ ବର୍ତ୍ତମାନ ସମୟରେ ମନୁଷ୍ୟମାନେ ଜଙ୍ଗଲର ସୀମା ପର୍ଯ୍ୟନ୍ତ ବସବାସ କରୁଛନ୍ତି । ଜଙ୍ଗଲଗୁଡ଼ିକର ପରିସୀମା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି । ତେଣୁ ଏହି ପାର୍ଥକ୍ୟ ବା ବୈଶିଷ୍ଟ୍ୟ ବର୍ତ୍ତମାନ ସମୟରେ ଯୁକ୍ତିଯୁକ୍ତ କି ନୁହେଁ ତାହା ଏକ ଆଲୋଚ୍ୟ ପ୍ରସଙ୍ଗ । କେନ୍ନେଥ୍‌ଙ୍କ ଲିଖିତ "ଏ ପ୍ୟାନ୍ଥର୍ସ୍ ଓ୍ୱେ" ପ୍ରବନ୍ଧରେ ସେ କେବଳ କଲରାପତ୍ରିଆଙ୍କ ବ୍ୟବହାର, ଶାରୀରିକ ବିଶେଷତା ଆଦି ଲେଖିଛନ୍ତି ।



କଲରାପତ୍ରିଆ ଶିକାର କରିବା ବେଳର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ବୋଲି କେନ୍ନେଥ୍ କୁହନ୍ତି । ଏହି ପ୍ରକ୍ରିୟାରେ ଶିକାର ଓ ତାହା ମଧ୍ୟରେ ରହିଥିବା ପ୍ରତିଟି ବୁଦା, ଗଛ ଗଣ୍ଡି ଇତ୍ୟାଦିର ଭରପୂର ଉପଯୋଗ ହୋଇଥାଏ । ଛପି ଛପି କଲରାପତ୍ରିଆ ଶିକାରର ନିକଟରୁ ନିକଟକୁ ଯିବାକୁ ଚେଷ୍ଟା କରେ । କେତେବେଳେ ଧୀରେ ଚାଲେ, ତ କେତେବେଳେ ଭୂମି ସହିତ ଲାଗିଯାଇ ପେଟେଇ ହୋଇ ଚାଲେ । ଶେଷ ଅଳ୍ପ ଦୂରତା ଲମ୍ଫ ବା କୁଦା ମାରି ତୀବ୍ର ବେଗରେ ଯାଇ ଶିକାରକୁ ଧରେ ।(୯)



ଶିକାର କରିବା ପରେ କଲରାପତ୍ରିଆ ବାଘ ନିଜ ଶିକାରକୁ ଏକ ଗୋପନୀୟ ଓ ନିଛାଟିଆ ସ୍ଥାନକୁ ନେଇଯାଏ । ଏ ଯେଉଁଠାରେ ସେ ବିନା ବାଧା ବା ଭୟରେ ଲମ୍ବା ସମୟ ପର୍ଯ୍ୟନ୍ତ ନିଜ ଆହାରର ଉପଭୋଗ କରିପାରିବ । ଜଙ୍ଗଲର ଅନ୍ୟ ପ୍ରତିଦ୍ୱନ୍ଦୀ, ଯଥା – ସିଂହ, ମହାବଳ ବାଘ, ବଳିଆ କୁକୁରଙ୍କ ଦଳ, ହେଟାବାଘ ଇତ୍ୟାଦିଙ୍କ ବିନା ପ୍ରତିରୋଧରେ ନିଜ ଶିକାରକୁ ଉପଭୋଗ କରିବା ପାଇଁ କଲରାପତ୍ରିଆ ଶିକାରକୁ ମୁହଁରେ ଧରି ଆଖପାଖରେ ଥିବା ଗଛ ଉପରକୁ ଚଢ଼ିଯାଏ । ମହାବଳ ବାଘଠାରୁ କଲରାପତ୍ରିଆ ଆକାରରେ ଛୋଟ ହୋଇଥିବାରୁ ନିଜ ଶିକାରକୁ ବହୁ ଦୂରକୁ ମୁହଁରେ ବୋହି ନେଇପାରେ ନାହିଁ । ପୁଣି ମୁହଁରେ ଧରି ଚାଲିବା ବେଳେ ମହାବଳ ବାଘର ଶିକାର ଭୂମିରୁ ସମ୍ପୂର୍ଣ୍ଣ ରୂପେ ଉଠି ରହୁଥିବା ବେଳେ କଲରାପତ୍ରିଆର ଶିକାର ଭୂମିରେ ଘୋଷାଡ଼ି ହେଉଥାଏ । ତେଣୁ ଶିକାରରୁ ଅଳ୍ପ ଦୂର ପର୍ଯ୍ୟନ୍ତ ଘୋଷଡ଼ା ଦାଗ ରହିଥାଏ ଓ ସେହିଠାରେ ଶିକାର ଜନ୍ତୁର ଶବ ପଡ଼ି ରହିଥିବା ଦେଖାଯାଏ । ଏହି ପରିପ୍ରେକ୍ଷୀରେ ଗେରହେଟ୍ଟି ଓ ରୁଦ୍ରପ୍ରୟାଗ କଲରାପତ୍ରିଆଙ୍କ ଉଦାହରଣ ନିଆଯାଇପାରେ । ଗେରହେଟ୍ଟି କଲରାପତ୍ରିଆ କ୍ଷୁଦ୍ରାକାର ହୋଇଥିବା ବେଳେ ରୁଦ୍ରପ୍ରାୟଗ କଲରାପତ୍ରିଆ ସାମାନ୍ୟ ବଡ଼ ଆକାରର ଥିଲା । ରୁଦ୍ରପ୍ରୟାଗ କଲରାପତ୍ରିଆ ନିଜର ଏକ ମନୁଷ୍ୟ ଶିକାରକୁ ପାଖାପାଖି ୬ କିଲୋମିଟର୍ ଦୂର ବୋହି ନେଇଥିବାର ଉଦାହରଣ କର୍ବେଟ୍ ଦେଇଛନ୍ତି ।(୨) ଗେରହେଟ୍ଟି କଲରାପତ୍ରିଆ ଶିକାର କରିବା ସ୍ଥାନରୁ ଅଳ୍ପ ଦୂରତାକୁ ଚାଲିଯାଇ ଖାଇବା ଆରମ୍ଭ କରୁଥିଲା ।(୩) ୟେଲାଗିରି କଲରାପତ୍ରିଆ ଆକାରରେ ବଡ଼ ହେଲେ ସୁଦ୍ଧା ଶିକାରକୁ ସବୁବେଳେ ବେଶୀ ଦୂର ବୋହି ନେଉନଥିଲା ।(୧୧) ତାହା ଶରୀରରେ ଗୁଳି ମାଡ଼ ଯୋଗୁଁ ସୃଷ୍ଟି ହୋଇଥିବା ଅକ୍ଷମତା ଏପରି ବ୍ୟବହାରର କାରଣ ହୋଇଥାଇପାରେ । କଲରାପତ୍ରିଆ ବାଘ ନିଜ ଅଧା ଖିଆ ଶିକାରକୁ ଲୁଚାଇ ନ ରଖିବା ଓ ଖୋଲା ସ୍ଥାନରେ ଛାଡ଼ି ଚାଲିଯିବାର ଅର୍ଥ ହେଲା ସେ ଆଉ ସେ ଶିକାରକୁ ଖାଇବ ନାହିଁ ବା ତା' ପାଖକୁ ଫେରି ଆସିବ ନାହିଁ ।(୨) କିଛି କଲରାପତ୍ରିଆ ବାଘ ଆକାରରେ ବଡ଼ ହୋଇଥାନ୍ତି । ସେମାନେ ନିଜ ଶିକାରର ବେକର ପଶ୍ଚାତ ଭାଗକୁ କାମୁଡ଼ି ତାହାର ଶୁଷ୍ମୁମ୍ନା କାଣ୍ଡ ଭାଙ୍ଗି ତାହାର ହତ୍ୟା କରିବା ଦେଖାଯାଏ ।(୪)

କଲରାପତ୍ରିଆ କେଉଁ ସବୁ ଜୀବଙ୍କ ଶିକାର କରେ ବୋଲି ନ ପଚାରି ବରଂ କଲରାପତ୍ରିଆ କେଉଁ ଜୀବର ଶିକାର କରେନି ବୋଲି ପଚାରିବା ଠିକ୍ । ଛୋଟରୁ ନେଇ ମଧ୍ୟମ ଓ ବଡ଼ ପର୍ଯ୍ୟନ୍ତ ବହୁ ଜୀବ, ପକ୍ଷୀ, ଗୃହପାଳିତ ପଶୁ ଇତ୍ୟାଦି କଲରାପତ୍ରିଆର ଶିକାର ।(୯) କଲରାପତ୍ରିଆ ବୃକ୍ଷାରୋହଣ କରିପାରେ । ମହାବଳ ବାଘ ଓ କଲରାପତ୍ରିଆ ବାଘ ମାଙ୍କଡ଼ଙ୍କ ଶିକାର ଖୁବ୍ ଚତୁରତାର ସହ କରିଥାନ୍ତି । ଗଛ ତଳେ ଥାଇ ଗର୍ଜ୍ଜନ କରି ଓ ଗଛ ଉପରକୁ ଚଢ଼ିବାର ବାହାନା କରି ସେମାନେ ମାଙ୍କଡ଼ଙ୍କୁ ଡରାନ୍ତି । ମାଙ୍କଡ଼ ଗଛରେ ଯଥାସ୍ଥାନରେ ରହିବା ନିରାପଦ । କିନ୍ତୁ ଗର୍ଜ୍ଜନ ଓ ଆକ୍ରମଣାତ୍ମକ ହିଂସ୍ର ଜନ୍ତୁର ଏପରି କାର୍ଯ୍ୟକଳାପ ଯୋଗୁଁ ସେମାନେ ଅନ୍ୟ ଗଛକୁ ଡେଇଁ ପଳାଇବାକୁ ବା ପାଖରେ ଗଛ ନଥିଲେ ଓହ୍ଲାଇ ଦୂରର ଅନ୍ୟ ଗଛକୁ ଚଢ଼ିଯିବାକୁ ଚେଷ୍ଟା

କରନ୍ତି ।(୧୧) ଏହି ପ୍ରକ୍ରିୟାରେ ଗଛରୁ ପଡ଼ିଗଲେ ବା ଭୂମିରେ ମାଙ୍କଡ଼କୁ ଦୌଡ଼ିବାର ଆବଶ୍ୟକତା ଆସିଲେ କଲରାପତ୍ରିଆକୁ ଶିକାରର ସୁଯୋଗ ମିଳେ ।

କଲରାପତ୍ରିଆଙ୍କ ପଞ୍ଜା ଚିହ୍ନରୁ ସେମାନଙ୍କ ବୟସ, ଆକାର ଓ ଲିଙ୍ଗ ବିଷୟରେ ଜାଣିହେବ । ପଞ୍ଜା ଚିହ୍ନରୁ ରୁଦ୍ରପ୍ରୟାଗର ନରଭକ୍ଷକ ଚିତାବାଘ ଏକ ବୃଦ୍ଧ, ବୃହତାକାର ଅଣ୍ଡିରା କଲରାପତ୍ରିଆ ବୋଲି କର୍ବେଟ୍ ଅନୁମାନ କରିଥିଲେ ।(୨) କଲରାପତ୍ରିଆ ବାଘଙ୍କ ପଞ୍ଜା ତଳେ ରହିଥିବା ମାଂସ ପିଣ୍ଡୁଳା ଅତି ନରମ । ତେଣୁ ଚାଲିବା ସମୟରେ ସେମାନେ ଜଙ୍ଗଲର ଚଲାବାଟ, ଗୋରୁଦାଣ୍ଡି ଇତ୍ୟାଦିର ବହୁଳ ବ୍ୟବହାର କରନ୍ତି । ଏହି କାରଣରୁ କଲରାପତ୍ରିଆଙ୍କ ପିଛା କରି ସେମାନଙ୍କୁ ଠାବ କରିବା ସହଜ ହୋଇଥାଏ ବୋଲି କର୍ବେଟ୍ ମତବ୍ୟକ୍ତ କରିଛନ୍ତି ।(୨) ତେବେ ସାଧାରଣତଃ ଜଙ୍ଗଲରେ କଲରାପତ୍ରିଆ ଓ ମହାବଳ ବାଘ ବିନା କୌଣସି ଶବ୍ଦ କରି ଏତେ ନୀରବତାର ସହିତ ଚାଲନ୍ତି ଯେ ସେମାନେ କେତେବେଳେ ଅତି ନିକଟକୁ ଚାଲି ଆସନ୍ତି, ତାହା ସହଜରେ ଜଣାପଡ଼େ ନାହିଁ । କଲରାପତ୍ରିଆର ଡାକ କର୍କଷ ଶୁଭାଯାଏ । ଥରୁଟିଏ ଗର୍ଜ୍ଜନ ନ କରି କଲରାପତ୍ରିଆ କ୍ରମାଗତ ଭାବେ ଏହି କର୍କଷ ଡାକ ପକାଏ । କରତଟିଏ ଧରି ମୋଟା ଗଛ ଗଣ୍ଡିକୁ କାଟିବା ବେଳେ ଯେପରି ଶବ୍ଦ ସୃଷ୍ଟି ହୁଏ, କଲରାପତ୍ରିଆର ଗର୍ଜ୍ଜନ ମଧ୍ୟ ଠିକ୍ ସେହିପରି ।(୯) ତେଣୁ ଇଂରାଜୀ ଭାଷାରେ ଏହାକୁ ସଇଂଗ୍ (sawing sound) ବୋଲି ମଧ୍ୟ କୁହନ୍ତି । ଭୋକିଲା ଅବସ୍ଥାରେ କଲରାପତ୍ରିଆ ଏହି କର୍କଷ ଶବ୍ଦ ସୃଷ୍ଟି କରେ ।(୫) ପ୍ରଣୟ ପାଇଁ ସାଥୀକୁ ଡାକିବା ବେଳେ ମଧ୍ୟ ଏହି ଶବ୍ଦ ଶୁଣିବାକୁ ମିଳେ । କିନ୍ତୁ ଜଙ୍ଗଲରେ କଲରାପତ୍ରିଆର ଡାକ ବହୁ କମ୍ ଶୁଣାଯାଏ ।



ବଡ଼ ବିଲେଇମାନଙ୍କ ମଧ୍ୟରେ ମହାବଳ ବାଘ ପାଣିରେ ପହଁରିବା ଓ ଖରାଦିନେ ପାଣିରେ ବୁଡ଼ି ରହିବା ପସନ୍ଦ କରନ୍ତି । ମହାବଳ ବାଘ ସୁନ୍ଦରବନ ପରି ପରିବାସରେ ଅନେକ ଦୂରତା ପହଁରି ପାର କରିବାର ଦେଖାଯାଇଛି । ବିଲେଇ ପରିବାରର ପ୍ରାଣୀ ହୋଇଥିବା ଦୃଷ୍ଟିରୁ ଏହା ଏକ ବଡ଼ ବ୍ୟତିକ୍ରମ । କିନ୍ତୁ ଏହି ବିଷୟରେ କଲରାପତ୍ରିଆର ବ୍ୟବହାର ପ୍ରକୃତରେ ବିଲେଇ ପରି । ଅତ୍ୟନ୍ତ ଆବଶ୍ୟକତା ନ ହେଲେ କଲରାପତ୍ରିଆ ପାଣିରେ ପଶେ ନାହିଁ ।(୧୫) ରୁଦ୍ରପ୍ରୟାଗର କଲରାପତ୍ରିଆ ଅଳକାନନ୍ଦା ନଦୀର ପ୍ରଖର ଜଳଧାରକୁ ପହଁରି ପାର କରୁଥିବା ତଥା କଥିତ ସମ୍ଭାବନାକୁ କର୍ବେଟ୍ ପ୍ରତ୍ୟାଖ୍ୟାନ କରିଥିଲେ ।(୨) ନରଭକ୍ଷୀ କଲରାପତ୍ରିଆ ବଢ଼ି ପାଣିରେ ପାନାର୍ ନଦୀ ପାର କରି ଆସିବ ନାହିଁ ବୋଲି ଅନୁମାନ କରି ସେ କବାଟ ନଥିବା ଏକ ଘରେ ନିଶ୍ଚିନ୍ତ ଭାବେ ରାତି ବିତାଇଥିଲେ ।(୬) ବର୍ଷା ଆରମ୍ଭ ହେବା ରୁ ଗୁମ୍ଫା ଲ । ପୁରର ନରଭକ୍ଷୀ କଲରାପତ୍ରିଆକୁ ମାରିବା ପାଇଁ ଛକି ବସିଥିବା କେନ୍ନେଥ୍ ଆଶା ହରାଇଥିଲେ ଓ କେତେବେଳେ ତାଙ୍କ ଆଖି ଲାଗିଯାଇଥିଲା ସେ ଜାଣି ପାରିଲେ ନାହିଁ । ହଠାତ୍ ନିଦରୁ ଉଠିବା ବେଳେ ଜାଣିଲେ ଯେ ବର୍ଷା ବନ୍ଦ ହୋଇଯାଇଛି ଓ ଅଳ୍ପ ଦୂରରେ କଲରାପତ୍ରିଆ ମନୁଷ୍ୟାକାର ଖେଳଣାକୁ ମାରିବା ପାଇଁ ଛକି ବସିଛି ।(୭) ବାଘ ଅପେକ୍ଷା କଲରାପତ୍ରିଆ ନିଜ ବ୍ୟବହାରରେ ବିଲେଇମାନଙ୍କ ନିକଟତର । ଏହାର ଗୋଟିଏ ଉଦାହରଣ ହେଲା ଉଭୟ ଜୀବଙ୍କର ପହଁରିବାର ଇଚ୍ଛା

କେତେ । ସେହିପରି ଆଉ ଏକ ଉଦାହରଣ ହେଲା – ବିଲେଇ ପରି କଲରାପତ୍ରିଆ ମଳତ୍ୟାଗ କଲା ପରେ ବାଲି ବା ମାଟି ରାମ୍ପୁଡ଼ି ତାହାକୁ ଘୋଡ଼ାଇ ଦିଏ । କିନ୍ତୁ ବାଘ ଏସବୁର କିଛି ଖାତିର ନ କରି ମଳତ୍ୟାଗ କରେ । ଯଦିଓ କଲରାପତ୍ରିଆ ବାଘର ଦୃଷ୍ଟି ଓ ଶ୍ରବଣ ଶକ୍ତି ପ୍ରଖର, ଏହାର ଆଘ୍ରାଣ ଶକ୍ତି ଶୂନ୍ୟପ୍ରାୟ ।(୩)(୯)(୧୧) ତେଣୁ ଜଙ୍ଗଲର ସବୁ ଜୀବଙ୍କ ମଧ୍ୟରେ ସେମାନେ ସର୍ବାଧିକ ଶିକାର ହୁଅନ୍ତି ବୋଲି କର୍ବେଟ୍ ମତ ରଖିଛନ୍ତି ।(୨) ଆମେ ଯେବେ କହୁ ଯେ ଜଣଙ୍କ ଦୃଷ୍ଟି ଶକ୍ତି ପ୍ରଖର ତାହାର ପ୍ରକୃତ ଅର୍ଥ କଣ ହୋଇପାରେ ? ସେମାନେ ନିଜ ଦୃଷ୍ଟିବଳୟ ମଧ୍ୟରେ ଥିବା ଛୋଟରୁ ଛୋଟ ପଦାର୍ଥକୁ ଦେଖି ପାରନ୍ତି । ସେମାନେ ଅନ୍ଧାରରେ ଦେଖିପାରନ୍ତି । ଆଉ ସେମାନେ ଦୃଷ୍ଟି ବଳୟ ମଧ୍ୟରେ ହେଉଥିବା ସୂକ୍ଷ୍ମ ଚଳାଚଳ ଓ ହଲଚଲ ମଧ୍ୟ ଦେଖିପାରନ୍ତି । କଲରାପତ୍ରିଆ ମୁଖ୍ୟତଃ ରାତ୍ରିଚର । ସୂର୍ଯ୍ୟାସ୍ତ ପରଠାରୁ ଅନ୍ଧାର ହେବା ଭିତରେ ବେଳେ ବେଳେ କଲରାପତ୍ରିଆ ଶିକାର ଅନ୍ୱେଷଣରେ ବାହାରିଯାନ୍ତି ।(୯) ଦିନ ବେଳା ଏମାନଙ୍କ ତରଫରୁ କମ୍ କାର୍ଯ୍ୟକଳାପ ଦେଖିବାକୁ ମିଳେ । ୟେଲାଗିରି ଓ ଗେରହେଟ୍ଟିର ମଣିଷଖିଆ କଲରାପତ୍ରିଆ କ୍ଷେତ୍ରରେ କିନ୍ତୁ ଏକ ବ୍ୟତିକ୍ରମ ଦେଖାଯାଉଥିଲା । ଉଭୟେ ଦିବାଲୋକରେ ମଣିଷମାନଙ୍କୁ ମାରୁଥିଲେ ।(୩)(୧୧) ୟେଲାଗିରି କଲରାପତ୍ରିଆ ବିଷୟରେ ଗାଁ ଲୋକଙ୍କୁ ପଚାରି ବୁଝିବାରୁ ସେମାନେ ଏକ ପାହାଡ଼ର ଲଣ୍ଡା ଅଂଶ ଉପରେ ଗୋଟିଏ କଲରାପତ୍ରିଆ ଅଧିକାଂଶ ଦିନ ଦ୍ୱିପ୍ରହରରେ ଖରା ପୋଉଁଥିବା ବିଷୟ କେନ୍ନେଥ୍‌ଙ୍କୁ କହିଥିଲେ ।

ସ୍ଥିର ଭାବେ ଚାଲିବାର ସାମର୍ଥ୍ୟ ପ୍ରାପ୍ତି ଯାଏଁ ବା ଶିକାରର ସାଧାରଣ ଜ୍ଞାନ ହାସଲ କରିବା ପରେ ହିଁ ମା' କଲରାପତ୍ରିଆ ନିଜ ଶାବକଙ୍କୁ ଜଙ୍ଗଲକୁ ବୁଲାଇ ନିଏ ।(୯) କଲରାପତ୍ରିଆ ଶୈଶବାବସ୍ଥାରେ ମା' କ୍ଷୀର, ବଡ଼ ହେଲା ପରେ ମାଂସ ଖାଏ । କ୍ଷୀର ଛାଡ଼ିବା ସମୟରେ ମାଂସ ଖାଇବା ଅଭ୍ୟାସ କରାଇବା ପାଇଁ ମା' କଲରାପତ୍ରିଆ ମାଂସ ଖାଇ ଅଧା ଜୀର୍ଣ୍ଣ କରି ପକାଏ ଓ ପରେ ବାନ୍ତି କରିଦିଏ । ଶାବକମାନେ ଏହା ଖାଇ ଜୀର୍ଣ୍ଣ କରିବାରେ ସକ୍ଷମ ହୁଅନ୍ତି । ତାହା ପରେ ସେମାନେ କ୍ରମଶଃ ମାଂସ ଭୋଜନ ସୋପାନକୁ ଉତ୍ତୀର୍ଣ୍ଣ ହୁଅନ୍ତି ।(୯) କଲରାପତ୍ରିଆ ଶାବକ ଅତ୍ୟନ୍ତ ଖାଦ୍ୟଲୋଭୀ; ତେଣୁ ବହୁ ପରିମାଣରେ ଖାଇ ଅଜୀର୍ଣ୍ଣ ଓ ବାୟୁଦୋଷ ଭୋଗ କରନ୍ତି । ବହୁ ଶାବକ ଏହା ଯୋଗୁଁ ମୃତ୍ୟୁବରଣ କରନ୍ତି । ତେଣୁ ମା' କଲରାପତ୍ରିଆ ନିୟନ୍ତ୍ରିତ ଭାବେ ଛୁଆଙ୍କୁ ଯେତିକି ଯଥେଷ୍ଟ ଠିକ୍ ସେତିକି ପରିମାଣର ଖାଦ୍ୟ ଯୋଗାଇ ଦେଇଥାଏ ।(୯) ଶିକାରର ମାଂସ କେମିତି ଖାଇବ, ପଙ୍ଗୁ କରିଦେଇଥିବା ଜୀବଟିକୁ କିପରି ମାରିବ, ଛପି ଛପି କିପରି ଶିକାରକୁ ଧରିବ – ଏପରି ସମସ୍ତ କଳା ଓ କୌଶଳ ମା' ତାହାର ଶାବକଙ୍କୁ କ୍ରମଶଃ ଶିଖାଏ ।



ଜଙ୍ଗଲର ନିୟମ ଅନୁସାରେ "ଜୋର ଯାହାର, ମୁଲକ ତାହାର" । ଖାଦ୍ୟର ଚାହିଦା ଅଧିକ ଓ ଖାଦ୍ୟର ଉତ୍ସ ସୀମିତ । ଅତଏବ ମାଂସଭୋଜୀ ପ୍ରଜାତିଙ୍କ ମଧ୍ୟରେ ଖାଦ୍ୟ ପାଇଁ ପ୍ରତିଯୋଗିତା ଅନିବାର୍ଯ୍ୟ । ତେଣୁ ମହାବଳ ବାଘ, ଏସୀୟ ସିଂହ, କଲରାପତ୍ରିଆ, ବଳିଆ କୁକୁର, ହେଟା ବାଘ ପ୍ରଭୃତି ପରସ୍ପରର ଚିର ଶତ୍ରୁ । କିପ୍ଲିଂଗ୍ ରଚିତ ଜଙ୍ଗଲ ବୁକ୍

ଗଳ୍ପରେ ଶେର୍ ଖାନ୍ ମୋଗ୍‌ଲିକୁ ମାରିବା ପାଇଁ ବହୁତ ଚେଷ୍ଟା କରେ କିନ୍ତୁ ବଗିରା ସର୍ବଦା ତାହାର ମନୁଷ୍ୟ ସାଥୀର ଜୀବନ ବଞ୍ଚାଇବା ପାଇଁ ଆଗେଇ ଆସେ ।(୧୩) ଦ ଜଙ୍ଗଲ୍ ବୁକ୍ କାହାଣୀର ହିନ୍ଦୀ ଅନୁବାଦ କାର୍ଟୁନ୍ ଚଳଚ୍ଚିତ୍ରରେ ଶେର୍ ଖାନ୍ ମୋଗ୍‌ଲିର ସାଥୀ 'ତେନ୍ଦୁଆ' ଉପରେ ବିରକ୍ତ ହେବା ନିଶ୍ଚୟ ସମସ୍ତଙ୍କୁ ମନେ ଥିବ । କିନ୍ତୁ ମହାବଳ ବାଘଙ୍କର କଲରାପତ୍ରିଆଙ୍କ ପ୍ରତି ଏହି ବିରକ୍ତି ବା ଶତ୍ରୁତା ପାଇଁ ମୋଗ୍‌ଲି ନୁହେଁ ବରଂ ପ୍ରକୃତି ଦ୍ୱାରା ଆୟୋଜିତ ପ୍ରତିଯୋଗିତା ଦାୟୀ । ଏହି ସଂଘର୍ଷରେ



ବଞ୍ଚି ରହିବା ପାଇଁ ସଭିଙ୍କୁ ପ୍ରକୃତି କିଛି ନା କିଛି ଅସ୍ତ୍ର ଦେଇଛି । ପ୍ରକୃତି ମହାବଳ ବାଘକୁ ମହାନ ଶକ୍ତି ଓ ବିରାଟକାୟ ଶରୀର ଦେଇଥିବା ବେଳେ ବଳିଆ କୁକୁର ନିଜର ଦଳବଦ୍ଧତା ବଳରେ ବଳୀୟାନ । ଅପର ପକ୍ଷେ ବୃକ୍ଷାରୋହଣର କୌଶଳ ଜାଣିଥିବାରୁ କଲରାପତ୍ରିଆ ମଧ୍ୟ ଏହି ଯୁଦ୍ଧରେ ଅନ୍ୟମାନଙ୍କ ସମସ୍କନ୍ଧ । ମହାବଳ ବାଘଠାରୁ କଲରାପତ୍ରିଆ ବାଘ ଶାରୀରିକ ଶକ୍ତିରେ କମ୍ । ଏହା ସତ୍ତ୍ୱେ ୨୫-୩୦ କିଲୋଗ୍ରାମ୍ ଓଜନର ହରିଣକୁ ମୁହଁରେ ଧରି ଗଛ ଚଢ଼ିପାରିବାର ସାମର୍ଥ୍ୟ ରଖୁଥିବା କଲରାପତ୍ରିଆ ବାଘର ଶାରୀରିକ ଶକ୍ତିର ସ୍ତର ସାଧାରଣ ମନୁଷ୍ୟଠାରୁ କେତେ ଅଧିକ ତାହା ସହଜରେ ଅନୁମେୟ ।

ମହାବଳ ବାଘ ପରି କଲରାପତ୍ରିଆ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଇଲାକା ନିୟନ୍ତ୍ରଣ କରେ ଓ ନିଜ ଇଲାକା ମଧ୍ୟରେ ପଇଁତରା ମାରୁଥାଏ । ପଇଁତରା ମାରିବା ବେଳେ ମହାବଳ ବାଘର ବ୍ୟବହାର ଓ କଲରାପତ୍ରିଆ ବାଘର ବ୍ୟବହାର ଯଥେଷ୍ଟ ଭିନ୍ନ । ମହାବଳ ବାଘ ଏକ ବଡ଼ କ୍ଷେତ୍ରର ନିରୀକ୍ଷଣ କରେ । ସେ ଯେଉଁ ବାଟ ଦେଇ ଚାଲିଯାଏ, ସେହି ବାଟ ଦେଇ ଫେରେନାହିଁ । କିନ୍ତୁ କିଛି ଦିନ ପରେ ପୁଣି ସେଇ ବାଟ ଦେଇ ନିଜ ପଇଁତରା ମାରେ । ମୋଟାମୋଟି ଭାବେ କହିଲେ, ମହାବଳ ବାଘର ନିରୀକ୍ଷଣ ପଥ ଏକ ଗ୍ରହ ବା ଉପଗ୍ରହର ପରିକ୍ରମଣ ପରି । କଲରାପତ୍ରିଆ ବାଘର କୌଣସି ନିର୍ଦ୍ଦିଷ୍ଟ ଗତିପଥ ନଥାଏ । ଯେକୌଣସି ମୁହୂର୍ତ୍ତରେ ସେ ଯେକୌଣସି ସ୍ଥାନରେ ରହିପାରେ ।(୯) ମହାବଳ ବାଘ ସହଜରେ ମାୟାବୀ, କଲରାପତ୍ରିଆ ତା'ଠାରୁ ଅଧିକ ମାୟାବୀ । ତେଣୁ ଜଙ୍ଗଲରେ ମହାବଳ ଦେଖିବା ସହଜ କିନ୍ତୁ କଲରାପତ୍ରିଆ ଠାବ କରି ଦେଖିବା ଅତି କଷ୍ଟ । ସ୍ପଷ୍ଟ ଦିବାଲୋକରେ ବି କଲରାପତ୍ରିଆ ନିଃଶବ୍ଦ ଓ ଅଦୃଶ୍ୟ ଭାବେ ଚଳପ୍ରଚଳ କରିପାରେ ।(୧୧) ଯଦି ଦିନରେ ଏପରି ଅବସ୍ଥା, ରାତିର ଅନ୍ଧକାର ସମୟରେ କ'ଣ ବା କହିବା ! ଏହି ସବୁ କାରଣରୁ କିଛି ପ୍ରକୃତିବିତ୍ କଲରାପତ୍ରିଆକୁ ଜଙ୍ଗଲର ଭୂତ ବୋଲି ମଧ୍ୟ ସମ୍ବୋଧିତ କରିଥାନ୍ତି । ଭାଇଭଉଣୀ ଗଧିଆଙ୍କ ପରିହାସରେ ରୁଷ୍ଟ ମୋଗ୍‌ଲି ଜଙ୍ଗଲକୁ ଏକାକୀ ଚାଲିଗଲେ ତାହାର ସୁରକ୍ଷା ପାଇଁ ତାହା ପଛରେ ଛାୟା ପରି ବଗିରା ବୁଲୁଥିବା



ଓ କିଛି ବିପତ୍ତିର ଆଭାସ ପାଇଲେ ମୋଗ୍‌ଲିକୁ ରକ୍ଷା କରିବା ଜଙ୍ଗଲ୍ ବୁକ୍ କାହାଣୀରେ ଲିଖିତ ।(୧୩) କଲରାପତ୍ରିଆର ମାୟାବୀ ରୂପ ବିଷୟରେ କର୍ବେଟ୍ ରୁଦ୍ରପ୍ରୟାଗର କଲରାପତ୍ରିଆର ଏକ ମଣିଷ ଶିକାରର ଉଦାହରଣ ମଧ୍ୟ ଦେଇଛନ୍ତି । ଦୁଇ ପଡ଼ୋଶୀ ଅନ୍ଧାରରେ ଘରେ ସାଙ୍ଗରେ ବସି ପାଳି କରି ଗୋଟିଏ ଚିଲମ ଟାଣୁଥିଲେ । ଉଭୟଙ୍କ ମଧ୍ୟରେ କେବଳ ହାତେ-ଦୁଇ ହାତ ବ୍ୟବଧାନ ଥିଲା । ଜଣେ ଚିଲମ ଟାଣି ବନ୍ଧୁକୁ ବଢ଼ାଇ ଦିଅନ୍ତେ ସେ ନେଲାନାହିଁ । କୁଆଡ଼େ ଗଲା ବୋଲି ପଚାରିବାକୁ ଯାଆନ୍ତେ, କିଛି ସମୟ ପରେ ଦୁଆର ମୁହଁର ଝାପସା ଆଲୋକରେ ଦେଖାଯାଏ ଯେ କଲରାପତ୍ରିଆ ବାଘଟିଏ ଗୋଟିଏ ମଣିଷକୁ ମୁହଁରେ ଧରି ବାହାରକୁ ଚାଲିଗଲା ।(୨) ଅଦୃଶ୍ୟ ଭାବେ ଆସି ହାତେ ଦୂରରୁ ବିନା କୌଣସି ଶବ୍ଦରେ ଏକ ମଣିଷର ଶରୀର ବୋହି ପଳାଇଯିବାର ସାମର୍ଥ୍ୟକୁ ମାୟା ନୁହଁ ତ ଆଉ କ'ଣ କୁହାଯିବ ? କୌଣସି ପାଠକ ଭାବୁଥିବେ ଚିଲମ ପ୍ରଭାବରେ ପ୍ରଥମ ବ୍ୟକ୍ତିଟି ଜାଣି ପାରିନଥିବ । ତାଙ୍କୁ ଏତିକି କହିବା ଉଚିତ ହେବ ଯେ ସାଥୀର ଦୁରବସ୍ଥା ଦେଖି ସେ ତୁରନ୍ତ ନିଜ ଜୀବନ ବଞ୍ଚାଇବାର ଉଦ୍ୟମ କରିଥିଲା । ତେଣୁ ଚିଲମ ପ୍ରଭାବ ସେତେଟା ହୋଇନଥିବ । ଜଙ୍ଗଲରେ ଯେକେହି ନିରାପଦ ଦୂରତାରୁ କଲରାପତ୍ରିଆ ଦେଖିଥିବେ, ଭାଗ୍ୟଦେବୀ ତାଙ୍କ ଉପରେ ସେ ସମୟରେ କେତେ ପ୍ରସନ୍ନ ଥିଲେ ଟିକେ ଚିନ୍ତା କରିବେ । ଜଙ୍ଗଲର ଭୂତ ସମସ୍ତଙ୍କୁ ସହଜରେ ଦେଖାଯାଏ ନାହିଁ ।

ଅନେକ ଲୋକ କଳା ଶରୀର ସହିତ ଧଳା ବା ସବୁଜ ଆଖିବିଶିଷ୍ଟ ବିଲେଇକୁ ଦେଖି ସାମାନ୍ୟ ଡରନ୍ତି ବା ସାମୟିକ ଭାବେ ହତବାକ୍ ହୁଅନ୍ତି । ବିଲେଇ ଆକାରର ୧୫ ଗୁଣ ବଡ଼ ଜନ୍ତୁଟିଏ କଳା ରଙ୍ଗର ହୋଇଥିଲେ ସେ ମନୁଷ୍ୟ ମନରେ ୧୫ ଗୁଣ ଅଧିକ ଡର ସୃଷ୍ଟି କରିବ ବୋଲି କହିବା ପାଠକଙ୍କୁ କେମିତି ଲାଗିବ ଜାଣିନାହିଁ । କିନ୍ତୁ ତାହା ହିଁ ପ୍ରକୃତ ସତ୍ୟ । ଲୋକେ ସାଧାରଣ କଲରାପତ୍ରିଆ ଅପେକ୍ଷା କଳା କଲରାପତ୍ରିଆକୁ ଦେଖିଲେ ଅଧିକ ଭୟଭୀତ ହୁଅନ୍ତି । ଶିବନପଲ୍ଲୀରେ କେନ୍ନେଥ୍ ଶିକାର କରିଥିବା କଲରାପତ୍ରିଆ ବାଘଟି ଏହିପରି କଳା ରଙ୍ଗର ଥିଲା । କଳା କଲରାପତ୍ରିଆ ବ୍ୟବହାରରେ ସାମାନ୍ୟ କଲରାପତ୍ରିଆଠାରୁ ପୃଥକ୍ ନୁହଁନ୍ତି ।(୧୦) ମନୁଷ୍ୟମାନଙ୍କ ଦେହରେ ମେଲାନିନ୍ ମାତ୍ରା ଅଧିକ ହେଲେ ଦେହର ରଙ୍ଗ ଯେପରି କୃଷ୍ଣବର୍ଣ୍ଣ ହୋଇଯାଏ ଠିକ୍ ସେହିପରି କିଛି ପଶୁଙ୍କ ଦେହରେ ମଧ୍ୟ ମାତ୍ରାଧିକ ମେଲାନିନ୍ ଯୋଗୁଁ ସେମାନଙ୍କ ସାଧାରଣ କଲରାପତ୍ରିଆ ଦେହ କୃଷ୍ଣବର୍ଣ୍ଣର ଲୋମ ମଧ୍ୟରେ ଲୁଚିଯାଏ । ଏମାନଙ୍କୁ ବ୍ଲାକ୍ ପ୍ୟାନ୍ଥର୍ ବା ମେଲାନିଷ୍ଟିକ୍ ଲେପର୍ଡ୍ କୁହନ୍ତି ।

କଲରାପତ୍ରିଆ ବାଘ ମନୁଷ୍ୟଙ୍କୁ ଡରେ ଓ ସେମାନଙ୍କଠାରୁ ଯଥେଷ୍ଟ ଦୂରରେ ରହିବାକୁ ଚେଷ୍ଟା କରେ । ବିଭିନ୍ନ ପରିସ୍ଥିତିରେ କଲରାପତ୍ରିଆ ନିଜର ପ୍ରାକୃତିକ ଖାଦ୍ୟ ପରିହାର କରି ନରଖାଦକ ପାଲଟିଥାଏ । ଏମାନଙ୍କ ମଧ୍ୟରୁ କିଛି ପରିସ୍ଥିତି ମନୁଷ୍ୟମାନଙ୍କ ଯୋଗୁଁ ସୃଷ୍ଟି ହୋଇଥାଏ । ଅନେକ ସମୟରେ ମନୁଷ୍ୟମାନେ ଶିକାରୋନ୍ମାଦନା ବା ଅର୍ଥଲୋଭର ଗ୍ରସ୍ତ ହୋଇ ଜୀବଙ୍କ ଉପରକୁ ବନ୍ଧୁକ ଚଳାନ୍ତି ବା ପଶୁଛାଲ ବିକିବା ପାଇଁ ଫାଶ ବସାଇ ଜୀବଙ୍କୁ ଆହତ କରିଥାନ୍ତି । ଜଙ୍ଗଲରେ ହରିଣ ସାଧାରଣ ଶିକାର । କିନ୍ତୁ ନିଜ ଶିକାରୀଙ୍କଠାରୁ ସେମାନଙ୍କ ବେଗ ବହୁ ଗୁଣ ଅଧିକ । ତେଣୁ ବୁଦା ଓ



ମହାବଳ ବାଘ ଓ ଘାସୁଆଳର ଛକିରହି ମହାବଳ ଓ କଲରାପତ୍ରିଆ ଶିକାରର ନିକଟରୁ ନିକଟତର ହୋଇ ଅତର୍କିତ ଆକ୍ରମଣ କରନ୍ତି (Ambush Technique) ଯାହା ଦୌଡ଼ିବା ବେଗର ଅସମାନତାକୁ କିଛି ମାତ୍ରାରେ କମ୍ କରିଦିଏ । ତଥାପି ୭-୮ ଥର ଚେଷ୍ଟା କଲା ପରେ ଶିକାରୀ ଥରୁଟିଏ ସଫଳ ହୋଇପାରେ । କଲରାପତ୍ରିଆ ପରି ଜୀବ ଆହତ ହେବା ଅର୍ଥ ନିଜର ଶିକାର ଧରିବାର ସାମର୍ଥ୍ୟ ବହୁମାତ୍ରାରେ ହରାଇବା । ଏପରି ଜୀବ ସହଜରେ ଓ ଅଳ୍ପ ପରିଶ୍ରମରେ ଯାହା ଖାଦ୍ୟ ମିଳିବ ତାକୁ ଆନନ୍ଦର ସହିତ ଗ୍ରହଣ କରିବ । ସେଥିରୁ କିଛି ଜୀବ ନରଖାଦକ ପାଲଟିବା ଅସ୍ୱାଭାବିକ ନୁହେଁ । କେନ୍ନେଥଙ୍କ ମଗାଦି କଲରାପତ୍ରିଆ ଏହାର ଏକ ଉଦାହରଣ ।(୧୨) ମନୁଷ୍ୟ ଶିକାରର ଆରମ୍ଭ ପରେ କିଛି କଲରାପତ୍ରିଆଙ୍କୁ ମନୁଷ୍ୟ ହିଁ ମଛରତମ ପ୍ରାଣୀ ଲାଗିପାରେ । ତେଣୁ ଏକ ବନ୍ଧା ପଶୁ ଓ ମନୁଷ୍ୟ ପାଖାପାଖି ଥିଲେ କଲରାପତ୍ରିଆ ମନୁଷ୍ୟକୁ ଶିକାର ବୋଲି ଚୟନ କରିପାରେ । ୧୨୫ରୁ ଅଧିକ ମଣିଷର ଶିକାର କରିଥିବା ରୁଦ୍ରପ୍ରୟାଗ କଲରାପତ୍ରିଆ ମେଣ୍ଢାଶାଳରେ ପଶି ପାଖରେ ଥିବା ମେଣ୍ଢାଙ୍କୁ ଆକ୍ରମଣ ନକରି ମେଷପାଳକକୁ ଉଠାଇନେବାର ଦୃଷ୍ଟାନ୍ତ ରହିଛି ।(୨) କିନ୍ତୁ ଏହା ଯେ ସବୁ ଜୀବଙ୍କ ପାଇଁ ପ୍ରଯୁଜ୍ୟ ସେପରି କହି ହେବନାହିଁ । ପ୍ରତ୍ୟେକ ପଶୁର ବ୍ୟବହାର ଭିନ୍ନ । ନରଭକ୍ଷୀ କଲରାପତ୍ରିଆ ବା ମହାବଳ ବାଘ ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ଜୀବ ଭକ୍ଷଣ କରନ୍ତି ନାହିଁ ବୋଲି ରହିଥିବା ବିଶ୍ୱାସକୁ କେନ୍ନେଥ୍ ଦୃଢ଼ ଖଣ୍ଡନ କରିଛନ୍ତି ।(୧୪) ସୁଯୋଗ ଥିଲେ ସେମାନେ ଅନ୍ୟ ଜୀବ ଶିକାର କରି ଖାଆନ୍ତି । କେନ୍ନେଥ୍ଙ୍କ ମତରେ ଉଭୟ ନରଖାଦକ କଲରାପତ୍ରିଆ ବାଘଙ୍କ ମନରେ ମନୁଷ୍ୟମାନଙ୍କ ପ୍ରତି ଡର ରହିଥାଏ ।(୧୪) କିନ୍ତୁ ଶିକାର ସମୟରେ ସେମାନଙ୍କ ବ୍ୟବହାରରେ ଭିନ୍ନତା ଦେଖାଯାଏ । ସେମାନେ ଶିକାର ପାଇଁ ଚୟନ କରିଥିବା ମନୁଷ୍ୟ ସତର୍କ ଥାଇ ପ୍ରତ୍ୟାକ୍ରମଣ କଲେ ସେମାନେ ଦୌଡ଼ି ପଳାଇଥାନ୍ତି ।

ଯଦିଓ ଉଭୟ କର୍ବେଟ୍ ଓ ଆଣ୍ଡର୍ସନ୍ ଶିକାରୀ ଥିଲେ, ନିଜର ଅନେକ ଲେଖାରେ ସେମାନେ ବାରମ୍ବାର ନରଭକ୍ଷୀ ପଶୁ ଛାଡ଼ି ଅନ୍ୟ ପଶୁଙ୍କୁ ହତ୍ୟା ନକରିବା ପାଇଁ ସଭିଙ୍କୁ ଅନୁରୋଧ କରି ଆସିଛନ୍ତି । ଜୀବନର ଶେଷ କିଛି ବର୍ଷ ଜିମ୍ କର୍ବେଟ୍ ବନ୍ଧୁକ ପରିତ୍ୟାଗ କରି କେବଳ କ୍ୟାମେରା ମାଧ୍ୟମରେ ଜୀବଜନ୍ତୁଙ୍କ ସହିତ ନିଜ ସମ୍ପର୍କ ସାଧିଥିଲେ । ଶୂଳାଗୁଣ୍ଡାର ଗୋରୁହନ୍ତା କଲରାପତ୍ରିଆ ତାଙ୍କ ମଞ୍ଚା ନିକଟକୁ ଆସିବା ପରେ ତାହା ର ଆକାର ଓ

ସୁନ୍ଦରତା ଦେଖି ଆଣ୍ଡର୍ସନ୍ ସ୍ତବ୍ଧ ହୋଇଯାଇଥିଲେ । ବନ୍ଧୁକର ଟ୍ରିଗର୍ ଚିପିବାକୁ ତାଙ୍କ ଆଙ୍ଗୁଠି ଗଲାନାହିଁ ।(୪) ଦୂରରୁ "ହେଲୋ" ବୋଲି କହିବାରୁ କଲରାପଡ୍ରିଆଟି ତରକିଯାଇ ଦୌଡ଼ି ପଳାଇଗଲା ।

ମୋର ଆଶା ପ୍ରବନ୍ଧର ଉତ୍ସମାନଙ୍କୁ ଦେଖି ପାଠକେ କଲରାପଡ୍ରିଆ ବାଘ ବିଷୟରେ ପଢ଼ିବାକୁ ଆଗ୍ରହୀ ହେବେ । ଉତ୍ସରେ ଲେଖାଯାଇଥିବା ପୁସ୍ତକ ଓ ଶୀର୍ଷକ ଦେଖିଲେ ଆପଣ ଜାଣିବାକୁ ପାଇବେ ଯେ କର୍ବେଟ୍‌ଙ୍କ କାହାଣୀରେ ଓ କେନ୍ନେଥ୍‌ଙ୍କ କାହାଣୀରେ କଲରାପଡ୍ରିଆ ପାଇଁ କେଉଁ ଇଂରାଜୀ ଶବ୍ଦ ବ୍ୟବହୃତ ହୋଇଛି । ତେବେ ପାଠକବୃନ୍ଦଙ୍କୁ ଅନୁରୋଧ ଯେ କେବେ ସମୟ ବାହାର କରି ଦୁଇଟି ସଂସ୍କୃତ ଶବ୍ଦ "ପୃଦାକୁ" ଏବଂ "ପୁଣ୍ଡରୀକ"ର ସମସ୍ତ ଶବ୍ଦାର୍ଥ ଥରୁଟିଏ ଦେଖିନେବେ । ଶବ୍ଦାର୍ଥ ଦେଖିବା ପରେ ଚିନ୍ତା କରିବେ ପୃଦାକୁ ଏବଂ ପୁଣ୍ଡରୀକ ଶବ୍ଦଦ୍ୱୟ କେଉଁ ଇଂରାଜୀ ବା ଲାଟିନ୍ ଶବ୍ଦମାନଙ୍କର ନିକଟତର । ଆହୁରି ଓଡ଼ିଆ ଭାଷାରେ ଆମର "ପାଣ୍ଡର" ବୋଲି ଏକ ରଙ୍ଗ ରହିଛି । ତାହା କେଉଁ ରଙ୍ଗ ସେଇଟା ବି ସନ୍ଧାନ କରିବାକୁ ଟିକେ ଚେଷ୍ଟା କରିବେ । ଶେଷରେ ଏକ ପ୍ରସ୍ତାବ ଯେ କୌଣସି ଇ-ମାର୍କେଟ୍ ସାଇଟରୁ ଲେପର୍ଡ୍ ପ୍ରିଣ୍ଟ୍ ଓ ଚିତା ପିରିଣ୍ଟ୍ ପୋଷାକ ଅର୍ଡର୍ କଲେ ଉଭୟଙ୍କ ଶରୀର ଦାଗର ପାର୍ଥକ୍ୟ ଜଣା ପଡ଼ିଯିବ ବୋଲି ଆଶା ରଖିବେ ନାହିଁ । ମେସିନ୍ ଲାଙ୍ଗୁଏଜ୍ ଏହାକୁ ବୁଝିବା ପାଇଁ ଆଉ କିଛି ସମୟ ନେଇପାରେ ।

* * *



Jim Corbett with the slain Bachelor of Powalgarh, 1930
Image source: English Wikipedia; Original Author: Unknown

ପ୍ରାଥମିକ ଉତ୍ସ (ପୁସ୍ତକ ଓ ଲେଖା)

(୧) Tiger Tales, tracking the big cat across India – Penguine Books – Edited by: K. Ullas Karanth

(୨) The Man-eating Leopard of Rudraprayag – Oxford University Press – Jim Corbett

(୩) The Strange Case of the Gerhetti Leopard (Book: Tales from the Indian Jungle) – Rupa Publications India Private Ltd – Kenneth Anderson

(୪) The Sulekunta Panther (Book: The Call of the Man-eater) – Rupa Publications India Private Limited – Kenneth Anderson

(୫) The Man-hater of Talainovu (Book: The Tiger Roars) – Rupa Publications India Private Limited – Kenneth Anderson

(୬) The Panar Man-eater (Book: The Temple Tiger & More Man-eaters of Kumaon) - Oxford University Press – Jim Corbett

(୭) The Spotted Devil of Gummalapur (Book: Nine Man-eaters and One Rogue) - Rupa Publications India Private Limited – Kenneth Anderson

(୮) The Killer of Jalahalli (Book: Nine Man-eaters and One Rogue) - Rupa Publications India Private Limited – Kenneth Anderson

(୯) A Panther's Way (Book: The Black Panther of Sivanipalli) - Rupa Publications India Private Limited – Kenneth Anderson

(୧୦) The Black Panther of Sivanipalli (Book: The Black Panther of Sivanipalli) - Rupa Publications India Private Limited – Kenneth Anderson

(୧୧) The Man-eating Panther of the Yellagiri Hills (Book: The Black Panther of Sivanipalli) - Rupa Publications India Private Limited – Kenneth Anderson

(୧୨) Old Munuswamy and the Panther of Magadi (Book: The Black Panther of Sivanipalli) - Rupa Publications India Private Limited – Kenneth Anderson

(୧୩) The Jungle Book – Macmillan – Rudyard Kipling

(୧୪) The Call of the Man-eater (Book: The Call of the Man-eater) - Rupa Publications India Private Limited – Kenneth Anderson

(୧୫) The Sangam Panther (Book: Man-eaters and Jungle Killers) - Rupa Publications India Private Limited – Kenneth Anderson





ମୌସୁମୀର ପ୍ରତୀକ୍ଷା



ଆସ ମୌସୁମୀ ଆସ
ଢାଳି ଦିଅ ତୁମ ମଧୁର ରସ
ପ୍ରଚଣ୍ଡ ତାତିରେ ମୋ ଶୋଷିଲା ଦେହ
ମେଣ୍ଟି ଯାଉ ମୋ ପ୍ରତୀକ୍ଷାର ଅନ୍ତ ।

ଆସ ମୌସୁମୀ ଆସ
ପିନ୍ଧାଇ ଦିଅ ତୁମ ଇନ୍ଦ୍ରଧନୁର ପାଟ
ଲୁଚିଯାଉ ମୋ ଆଘାତର ଚିହ୍ନ
ଅଙ୍କୁରିତ ହୋଇ ଉଠୁ ମୋ ଶୁପ୍ତ ଯୌବନ ।

ଆସ ମୌସୁମୀ ଆସ
ଢାଙ୍କି ଦିଅ ତୁମ ଅମୃତର ଚାଦର
ଲିଭି ଯାଉ ମୋ ବହ୍ନିର ନିଆଁ
ମିଳିଯାଉ କେଉଁ ଶିଳ୍ପୀର ଶୀତଳତା ଛୁଆଁ ।

ଆସ ମୌସୁମୀ ଆସ
ଗାଇ ଯାଅ ତୁମ ବିଜୟର ଶବ୍ଦ
ଭାଙ୍ଗିଯାଉ ମୋ ଗର୍ବର ଶିକୁଳି
ଶୁଣୁ ଥାଏ ମୋ ନୀରବତାର ଅଳି ।

ଆସ ମୌସୁମୀ ଆସ
ଫୁଟାଇ ଦିଅ ତୁମ ଶ୍ରାବଣୀ ଛତୁର ହସ
ଭାସାଇଦିଅ ମୋ କାଗଜର ଡଙ୍ଗା
ଫେରାଇ ଆଣ ମୋ ପୂର୍ବ ଗୌରବର ଗାଥା ॥

- ଭରତ କୁମାର ଦାଶ



ନିର୍ବାଣ

ଆସ !
ଆମେ ଦୁହେଁ ମିଶି ପାଦ ରଖିବା
ସତ୍ୟ ଆଉ ଶାନ୍ତିର ସେ
ଦୁର୍ଗମ ଇଲାକାରେ ।

ଯେଉଁଠି
ସନ୍ଧାନ ମିଳିବ
ଗୋଟାପଣେ ଅବିନାଶୀ,
ଅକ୍ଷୟ ଅମୃତମୟ
ରଙ୍ଗୀନ ସହର ।

ଯେଉଁଠି ନଥିବ
ହସ ପରେ କାନ୍ଦ
ଆଉ ଭଲ ପରେ ମନ୍ଦ !

କେବେଠୁ ମୁଁ ତ,
ତୁମ ପାଦ ତଳେ ସମର୍ପି ଦେଇଛି
ମୋର ସମସ୍ତ
ମୁଁ କାର ଓ ଅହଂକାର ।

ଆତ୍ମାନୁଭୂତିର ନୈବେଦ୍ୟ
ସମର୍ପଣର ଦିବ୍ୟଚେତନା
ହ୍ଲାଦିନି ଶକ୍ତିର ପ୍ରେମ
ଗତିଶୀଳ, ଦକ୍ଷତାର ପ୍ରେରଣା ।
ଚିର ସବୁଜ କାମିନୀ କାଞ୍ଚନ
ଆଉ ପୂର୍ଣ୍ଣତାର ଦିବ୍ୟସ୍ପନ୍ଦନ ।
ଜୀବନର ଶବ୍ଦକୋଷରେ
ତୁମେ ମୋର ତନ୍ମୟ ଚେତନ ।
ତୁମରି ବାହୁ ବନ୍ଧନେ
କଟିଯାଉ ନଶ୍ୱର ଜୀବନ ॥

ତୁମେ ଅମରାବତୀର
ରାଜକୁମାରୀ ଶଶୀସେଣା ହୁଅ,
କି ସ୍ୱର୍ଣ୍ଣପୁରର ତନ୍ତ୍ର ସାଧ୍‌କା
ଜ୍ଞାନଦେଇ ମାଳୁଣୀ?

ମୁଁ ଶବର ରାଜକୁମାର
ଅହିମାଣିକ୍ୟ ପରି
ସମର୍ପି ଦେଇସାରିଛି ମୋର
ସମସ୍ତ ରୂପ ଯୌବନ ।
ତମେ ମେଣ୍ଢା କର କି ଭେଣ୍ଡା
ମୋର କିଛି ଯାଏ ଆସେ ନାହିଁ
ମୁଁ ତ ତମ ଭିତରେ
ହଜି ସାରିଛି ।

ମାଗି ନଥିଲି ନିର୍ବାଣର ପଥ
ଖୋଲି ନଥିଲି ମୋକ୍ଷର କବାଟ
ସ୍ରୋତ ହୋଇ
ନିଃସୃତ ହେଲା ଯେବେ
ଅଯାଚିତ ବାରି
ସେ ପଥକୁ ନେଲି ମୁଁ ଆବୋରି ।

ପ୍ରେମ ପ୍ରୀତି କରି ସମ୍ମିଶ୍ରଣ,
ଆତ୍ମା ଆଉ ଆତ୍ମା ସାଥେ
ନିଃସର୍ତ ମିଳନ !!
ତୁମର ଅମୃତ ଦାନ
ଜଗାଏ ସ୍ପନ୍ଦନ
ସବୁରି ଶୀର୍ଷରେ ତୁମେ ପାଇଛ
ଆସ୍ଥାନ
କେବଳ ତୁମରି ପାଇଁ,
ସ୍ୱର୍ଶ କଲି ମୋକ୍ଷ ଆଉ ନିର୍ବାଣ
ନିର୍ବାଣ ପଥରେ କଲି ଆତ୍ମ
ସମର୍ପଣ ।

ମୁଁ ତ ସରଳ ମଣିଷଟିଏ
ନା କେବେ ହୋଇପାରିବି "ଗୌତମ"
ନା କହିପାରିବି...
"କାମନାର ବିନାଶରେ ଦୁଃଖର ବିନାଶ"

ନା କୃଷ୍ଣ ହୋଇ ଗୀତାରେ କହିବି...!
ଆତ୍ମାକୁ ସ୍ତିରୀ ବେଶ କରି
ଶ୍ରୀରାଧା ଅଙ୍ଗରେ ବିହାରୀ ।
କୃଷ୍ଣେ ଆସ୍ୱାଦ ରସ ଦେଇ
ଏହାକୁ ପ୍ରେମ ଭକ୍ତି କହି ।
ପ୍ରେମ ଭକ୍ତିରୁ ଭକ୍ତି ନାହିଁ
ପ୍ରେମ ନିକଟେ ଥାଏ ମୁହିଁ ॥

- ଶୁଭେନ୍ଦୁ ମେହେର



ବିଶେଷ ସୂଚନା:

ଶୁଭପଲ୍ଲବ ଇ-ପତ୍ରିକାର ସାହିତ୍ୟ ବିଭାଗ ସବୁବେଳେ ମୁକ୍ତ ଭାବରେ ପାଠକମାନଙ୍କ ପାଖରେ ପହଞ୍ଚୁଛି, ଫଳରେ ଅନେକଙ୍କ ଦ୍ୱାରା ଆଦୃତ ମଧ୍ୟ ହୋଇଛି । ମାତ୍ର ଏହି କାର୍ଯ୍ୟକୁ ଜାରି ରଖିବା ପାଇଁ କିଛି ଅର୍ଥ ବିନିଯୋଗ ଆବଶ୍ୟକ ପଡୁଛି । ଫଳରେ ଅର୍ଥ ଯୋଗାଡ଼ କରିବା ପାଇଁ ଶୁଭପଲ୍ଲବ ଷ୍ଟୋର୍ ଭାବରେ ଏକ ଅନ୍‌ଲାଇନ୍ ଷ୍ଟୋର ଆରମ୍ଭ କରିଛୁ, ଯେଉଁଥିରେ ଓଡ଼ିଶାର ହସ୍ତତନ୍ତ ମାସ୍କ, ଟି-ସାର୍ଟ ଭଳି କିଛି ଜିନିଷ ଏବେ ଉପଲବ୍ଧ ହେଉଛି ।

ଆପଣମାନଙ୍କର ସହଯୋଗରେ ଯେପରି ଶୁଭପଲ୍ଲର ପତ୍ରିକା ଓ ପୋର୍ଟୋଲ ଜନାଦୃତ ହୋଇଛି, ସେହିଭଳି ଏହି ନୂଆ ପଦେକ୍ଷେପରେ ମଧ୍ୟ ଆପଣଙ୍କର ସହଯୋଗ ଲୋଡୁଛୁ ।


- ସଂଚାଳକ ପରିଷଦ



କପିରାଇଟ୍ ଓ ଗୁମରନୀତି:

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।







A Shubhapallaba Publication

shubhapallaba@gmail.com
https://shubhapallaba.in
follow us @Shubhapallaba